**ସଂକ୍ଷେପରେ**

## ରାସ୍ତା ତଳକୁ ବାଇକ୍ ଖସି ୩ ଗୁରୁତର

ବସ୍ତା, ୨।୧(ସ୍ୱ.ପ୍ର.): ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ଛାନୁଆ-ବାହାବଳପୁର ରାସ୍ତାରେ ରାସ୍ତା ତଳକୁ ବାଇକ୍ ଖସି ୩ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁବାର ଅପରାହ୍ନରେ ବାହାବଳପୁରରୁ ଆସୁଥିବା ଏକ ବାଇକ୍ (ନଂ. ଓଡ଼ି୦୧ଏକ୍ସ-୪୯୩୦) ଅସାବଧାନତା ବଶତଃ ଛାନୁଆ ନିକଟବର୍ତ୍ତୀ ରାସ୍ତା ତଳକୁ ଖସି ଯାଇ ପାଖରେ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ସେଥିରେ ବସିଥିବା ଚାଳକଙ୍କ ସମେତ ଅନ୍ୟ ଦୁଇଜଣ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ୩ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଖବରଲେଖା ପର୍ଯ୍ୟନ୍ତ ଗୁରୁତରମାନଙ୍କର କୌଣସି ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ଗାଡ଼ିରେ ଶୁଖୁଆ ବ୍ୟାଗ୍ ଥିବା ଯୋଗୁ ବାହାବଳପୁରରୁ ଶୁଖୁଆ କିଣି ଫେରୁଥିବା ଅନୁମାନ କରାଯାଉଛି।

## 'ଜୀବନସାଥୀ' ସଙ୍ଗଠନର ବାର୍ଷିକ ସମାରୋହ: ୩ ଶହ କମ୍ବଳ ବଣ୍ଟନ

ରୂପ୍ସା, ୨।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ବେଣାପୁରା 'ଜୀବନସାଥି' ସଙ୍ଗଠନ ପକ୍ଷରୁ ୫ମ ବାର୍ଷିକ ସମାରୋହ ପାଳିତ ହୋଇଯାଇଛି। ସଙ୍ଗଠନର ସଭାପତି ଇଂ. ଦୀପ୍ତିମାନ ପତି ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ପୁରୀରୁ ଜଗନ୍ନାଥ ସଂସ୍କୃତି ଗବେଷକ ଜ୍ଞାନାନନ୍ଦ ସାଗର କୁମାର ଯୋଗଦେଇ ବାଲେଶ୍ୱର ଜିଲା କଳା, ସଂସ୍କୃତିର ମାଟି ଭାବେ ସର୍ବତ୍ର ଗୌରବ ଅର୍ଜନ କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଉପଜିଲାପାଳ ନିଲୁ ମହାପାତ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ 'ରେବତୀ' ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା. ଡ. ପଙ୍କଜ କୁମାର ଜେନା, ସାହିତ୍ୟିକ ସର୍ବେଶ୍ୱର ପତି, ବିଶିଷ୍ଟ ସମାଜସେବୀ ସୁଦର୍ଶନ ଦାସ, ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ବେହେରା ଓ ମାନବ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। କର୍ମକର୍ତ୍ତା ଅର୍ଚ୍ଚନା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ମହିଳାପୁରୁଷ ସମେତ ବହୁ ବୃଦ୍ଧାବୃଦ୍ଧଙ୍କୁ ସଂଗଠନ ପକ୍ଷରୁ ୩ଶହ କମ୍ବଳ ବଣ୍ଟନ କରାଯାଇଥିଲା। ସଙ୍ଗଠନ ତରଫରୁ ଗୋବର୍ଦ୍ଧନ ଜେନା, ଦେବେନ୍ଦ୍ର ବେହେରା, ଅଶ୍ୱନୀ ପଣ୍ଡା, ରବୀନ୍ଦ୍ର ହାଜିରା ଓ ବେଣୁଧର ମାଝୀ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟାଳୟରୁ ୨୦ରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଗଛ ଉଭାନ

**ବନ ବିଭାଗରେ ଅଭିଯୋଗ କଲେ ପ୍ରଧାନ ଶିକ୍ଷକ**

ସଜନାଗଡ଼, ୨।୧(ଡି.ଏନ.ଏ.)

ବିନା ଅନୁମତିରେ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଜଡ଼ିଦା ପଞ୍ଚାୟତ ରାଧାମାଧବ ଜୀଉ ହାଇସ୍କୁଲ ପରିସରରେ ଥିବା ୨୦ରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଗଛ କାଟି ନିଆଯାଇଛି। ପ୍ରଧାନଶିକ୍ଷକ ଗୁରୁବାର ବିଦ୍ୟାଳୟରେ ପହଞ୍ଚି ଗଛ କଟା ହୋଇଥିବା ଦେଖି ନୀଳଗିରି ବିଇଓ ଏବଂ ନୀଳଗିରି ରେଞ୍ଜରଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନୀଳଗିରି ରେଞ୍ଜର ରୁଦ୍ରାନନ୍ଦ ବାରିକ ତଦନ୍ତ କରିବେ ବୋଲି ସୂଚନା ଦେଇଛନ୍ତି।

ରାଧାମାଧବଜୀଉ ହାଇସ୍କୁଲର ପାଚେରି ନିର୍ମାଣ ପାଇଁ ଜଡ଼ିଦା ପଞ୍ଚାୟତ ପକ୍ଷରୁ ଏସ୍ଏଫ୍‌ସି ଯୋଜନାରେ ଆନୁମାନିକ ୩ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ପାଚେରି ନିର୍ମାଣ ସ୍ଥାନରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ନିମ୍ବଗଛ ସମେତ ବହୁ ମୂଲ୍ୟବାନ ଗଛ ଥିବାରୁ ପ୍ରଧାନଶିକ୍ଷକ ସୁଧାଂଶୁ ପାଢ଼ୀ ଗଛକଟା ବାବଦରେ ଏକ ନୋଟିସ୍ ଜାରି କରିଥିଲେ। ସ୍କୁଲ ପରିଚାଳନା କମିଟି ଚୂଡ଼ାନ୍ତ ବୈଠକରେ ପ୍ରଧାନଶିକ୍ଷକ ନୋଟିସ ଜାରି କରିଥିଲେ। ୩ତାରିଖରେ ସ୍କୁଲ ପରିଚାଳନା କମିଟିର ନିଷ୍ପତ୍ତି ପରେ ଗଛଗୁଡ଼ିକୁ କାଟିବା ପାଇଁ ବନବିଭାଗର ଅନୁମତି ନେଲା ପରେ ଗଛ କଟାଯାଇଥାନ୍ତା। ମାତ୍ର କେତେକ ଦୁର୍ବୃତ୍ତ ରାତିଅଧିଆ ଜେସିବି ଲଗାଇ ବୁଧବାର ବଡ଼ ବଡ଼ ନିମ୍ବଗଛ ସମେତ ବହୁ ମୂଲ୍ୟବାନ ଗଛକୁ ଉପାଡ଼ି କିଛି ଗଛକୁ ଘଟଣାସ୍ଥଳରୁ ନେଇଯାଇଛନ୍ତି। ପାଚେରି ନିର୍ମାଣ ଲାଗି ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଥିବା ବେଳେ ଗଛକଟା ବାବଦରେ ସେ କିଛି ଜାଣି ନ ଥିବାର ପ୍ରକାଶ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି।



କଟାଯାଇଥିବା କେତେକ ଗଛ ପଡ଼ିରହିଛି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା

ଜଳେଶ୍ୱର, ୨।୧(ସ୍ୱ.ପ୍ର.)

ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ଦ୍ଧନାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୮ମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସାମାଜିକ କର୍ମୀ ରବୀନ୍ଦ୍ର ବେହେରା, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ କ୍ରୀଡ଼ାର ଉପଯୋଗିତା ସମ୍ପର୍କରେ କହିଥିଲେ। ଅନୁଷ୍ଠାନ ସମ୍ପାଦିକା ଅର୍ଚ୍ଚନା ସାମଲ ବିବରଣୀ ପାଠ ଓ ଅଧ୍ୟକ୍ଷ ସନ୍ଦୀପ କୁମାର ସାମଲ ମଞ୍ଚ ଆହ୍ୱାନ କରିଥିଲେ। ପ୍ରଦୀପ କୁମାର ପ୍ରଧାନ, ଅନୁପ ବେହେରା, ସୁରେଶ ବେହେରା, ସୁମତୀ ବେହେରା, ସୁସ୍ମିତା ବେହେରା, ବୀଣା ଆଚାର୍ଯ୍ୟ, ରଶ୍ମିତା ଜେନା, ପୂର୍ଣ୍ଣିମା ବେହେରା ଓ ସ୍ମିତା ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଖେଳ ଶିକ୍ଷକ ସୁଶାନ୍ତ କୁମାର ବେହେରା ଖେଳ ପରିଚାଳନା କରିଥିଲେ।

### ସରିଲା ଗୋପାଳଗାଁ କଲ୍‌ଚରାଲ କ୍ଲବ ବାର୍ଷିକ ଉତ୍ସବ

## ଗୀତରେ ଝୁମିଲେ ଦର୍ଶକ



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

ବାଲେଶ୍ୱର ଅଫିସ, ୨।୧

ବାଲେଶ୍ୱର ଜିଲା ଗୋପାଳଗାଁସ୍ଥିତ କଲ୍‌ଚୁରାଲ କ୍ଲବର ୧୫ତମ ବାର୍ଷିକ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। କ୍ଲବ ସଭାପତି ଅରୁଣ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ତଥା ବିଜୁ ଜନତା ଦଳର ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା, ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ବିଧାୟକ ଅରୁଣ ଦେ ଯୋଗଦେଇ ଏକତା ବଳରେ ଏହି ଗ୍ରାମର ବିକାଶ ହୋଇପାରିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ପୌରପାଳ ଆଲୋକ ସାହୁ, ଯୁବନେତା ବିଭୁପଦ ଦାସ, ଭୁବନ ଦାସ, ପୂର୍ବତନ କାଉନସିଲର ରଞ୍ଜିତା ମହାନ୍ତି, ଇତିକୃଷ୍ଣା ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କ୍ଲବର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କଟକରୁ ଆସିଥିବା ଅର୍କେଷ୍ଟ୍ରା ଗାୟକ ସତ୍ୟଜିତ୍‌ଙ୍କ ଗୀତରେ ହଜାର ହଜାର ଦର୍ଶକ ଝୁମିଥିଲେ।

# 'ଗଣତାନ୍ତ୍ରିକ ପ୍ରକ୍ରିୟାରେ ବୁଦ୍ଧିଜୀବୀଙ୍କ ନୀରବତା ବିଡ଼ମ୍ବନା'

## ସୃଜନିକାର ନବବର୍ଷର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବାଲିଆପାଳ, ୨।୧(ଡି.ଏନ.ଏ.)

ଗଣତାନ୍ତ୍ରିକ ପ୍ରକ୍ରିୟାରେ ବୁଦ୍ଧିଜୀବୀଙ୍କ ନୀରବତା ବିଡ଼ମ୍ବନା। ଏବେ କେନ୍ଦ୍ର ସରକାରଙ୍କ ଦେଶରେ ସଂଶୋଧିତ ନାଗରିକ ଆଇନ (ସିଏଏ)ଓ ଜାତୀୟ ନାଗରିକ ପଞ୍ଜିକା(ଏନଆରସି)କୁ ନେଇ ଆନ୍ଦୋଳନ, ଜଳାପୋଡ଼ା, ରାଲି, ଧାରଣା ଚାଲିଥିବା ବେଳେ ବୁଦ୍ଧିଜୀବୀମାନେ ନୀରବ ରହିବା ପରିତାପର ବିଷୟ। ସେମାନେ ଦେଶର ବୃହତର ସ୍ୱାର୍ଥଦୃଷ୍ଟିରୁ ସ୍ପଷ୍ଟ ମତସାବ୍ୟସ୍ତ କରିବା ଅତି ଜରୁରୀ ବୋଲି ବୁଧବାର ବାଲିଆପାଳର ପୁରାତନ ସାରସ୍ୱତ ଅନୁଷ୍ଠାନ ସୃଜନିକାର ନବବର୍ଷ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ସୃଜନିକା ସଭାପତି ସୁଧାଂଶୁ ଶେଖର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ରେବତୀର ସମ୍ପାଦିକା ସୁବାସିନୀ ଜେନା ମୁଖ୍ୟଅତିଥି, ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତି ଡ.ଅଦ୍ୱୈତ କୁମାର ପାତ୍ର ମୁଖ୍ୟବକ୍ତା, ଜଳେଶ୍ୱର ଦୀନକୃଷ୍ଣ ସ୍ମୃତିପରିଷଦର ସମ୍ପାଦକ ବିପିନ ବିହାରୀ ବିଶ୍ୱାଳ, ଶିକ୍ଷକ ନେତା ନାରାୟଣ ପ୍ରସାଦ ସାହୁ, ଡା.ପ୍ରଦୀପ କୁମାର ମିଶ୍ର, କବି ଭରତ ଚନ୍ଦ୍ର ଦାସ, ଶାନ୍ତନୁ ପଟ୍ଟନାୟକ, ଗାୟକ ଜୟନ୍ତ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସୃଜନିକା ଆବାହକ ଅଧ୍ୟାପକ ସୁକାନ୍ତ ଗିରି ଅତିଥି ପରିଚୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ସନ୍ୟାସୀ ବେହେରା, ନଳିନୀକାନ୍ତ ପାଢ଼ୀ, ଅମରେନ୍ଦ୍ର ଦାସ, କବି ଭାରତୀ ସରିତା ମହାନ୍ତି, ଡ.ରଶ୍ମିତା ପାଣିଗ୍ରାହୀ ପ୍ରମୁଖ ସାରସ୍ୱତ ବନ୍ଧୁମିଳନ ଓ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବକୁ ପରିଚାଳନା କରିଥିଲେ। ଅତିଥିମାନେ ଅନୁଷ୍ଠାନର ମୁଖପତ୍ର ସୃଜନିକା, କବୟିତ୍ରୀ ଶାନ୍ତିଲତା ପଣ୍ଡାଙ୍କ ଆମ୍ରପଲ୍ଲୀ, ସରିତା ମହାନ୍ତିଙ୍କ ମଧୁମକ୍ଷିକା, ବିଜୟ ପାତ୍ରଙ୍କ ଅୟସୀକାନ୍ତା ଆଦି ପୁସ୍ତକଗୁଡ଼ିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଉତ୍ସବରେ ରାଜ୍ୟର ୪୧ ଜଣ ଅବହେଳିତ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅସିତ ପଣ୍ଡା, ଡ.କୃଷ୍ଣାକୁମାରୀ ନାୟକ, ସ୍ନେହଲତା ନାୟକ, ସୁଷମାରାଣୀ ମହାନ୍ତି, ଗୋପନାରାୟଣ ଜେନା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବଳରାମ ସାହୁ, ଅରୁଣ ଜେନା, ଅରବିନ୍ଦ ବେହେରା, ବ୍ୟୋମକେଶ ସାହୁ, ରବିରଞ୍ଜନ ତ୍ରିପାଠୀ, ରାମରଞ୍ଜନ ରାଉତ, ଅଧ୍ୟାପକ ନିରଞ୍ଜନ ବେହେରା, ବିଜୟ ପରିଡା ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

# 'ଥିଲେ ଦିଅ, ନ ଥିଲେ ନିଅ'

ବାଲେଶ୍ୱର ଅଫିସ, ୨।୧

ବାଲେଶ୍ୱର ଷ୍ଟେଶନ ଛକ ନିକଟରେ ଚାରିଟେବୁଲ ଟ୍ରଷ୍ଟ 'ଉଡ୍ର' ପକ୍ଷରୁ 'ଥିଲେ ଦିଅ, ନ ଥିଲେ ନିଅ' କାର୍ଯ୍ୟକ୍ରମକୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ ଶୁଭାରମ୍ଭ କରିଛନ୍ତି। ଅତିଥି ଭାବେ ଡ. ଅଶାନ୍ତ ରଞ୍ଜନ ରାଉତରାଏ, ଡ. ଆର୍ତ୍ତବନ୍ଧୁ ଜେନା ଯୋଗଦାନ କରି ଏଭଳି ପ୍ରୟାସକୁ ପ୍ରଶଂସା କରି ପିନ୍ଧିବାକୁ ପାଉ ନ ଥିବା ଲୋକମାନେ ଉପକୃତ ହେବାର ଏହା ଏକ ପ୍ରକୋଷ୍ଠ ମାଧ୍ୟମ ବୋଲି କହିଥିଲେ।

ଏଠାରେ ସ୍ଥାପିତ ହୋଇଥିବା ଡ୍ରପ୍ ବକ୍ସରେ ସାଧାରଣ ଲୋକ ନିଜର ପୁରୁଣା ବା କିଛି ନୂଆ ବସ୍ତ୍ର ଦାନ କରିପାରିବେ। ପରେ ସେସବୁ ବସ୍ତ୍ରକୁ ଟ୍ରଷ୍ଟ ପକ୍ଷରୁ ଦୀନ ଦରିଦ୍ର ଲୋକଙ୍କ ମଧ୍ୟରେ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଜାନୁୟାରୀ ୩୧ ତାରିଖ ପର୍ଯ୍ୟନ୍ତ ଏହି ଡ୍ରପ୍‌ବକ୍ସରେ ବସ୍ତ୍ର ଦାନ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଟ୍ରଷ୍ଟର ଜିଲା ଶାଖା ମୁଖ୍ୟ ଭବାନୀଶଙ୍କର ଜେନା ସୂଚନା ଦେଇଛନ୍ତି। ପ୍ରଥମେ ଏହି ବକ୍ସରେ ଅତିଥିମାନେ ନିଜର କିଛି ପୁରୁଣା ଏବଂ ନୂଆ ବସ୍ତ୍ର ଦାନ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ଡ. ଦେବଦତ୍ତ ଦାସ, ଡ. ମନୋଜ ଆଚାର୍ଯ୍ୟ, ପ୍ରତାପ କୁମାର ସେଠ, ଆଶିଷ କୁମାର ପ୍ରଧାନଙ୍କ ସମେତ ସାଧାରଣ ଜନତା କିଛି ବସ୍ତ୍ର ଦାନ କରିଥିଲେ। ଚିରଞ୍ଜୀବ ଦାସ, ରାମଚନ୍ଦ୍ର ସେଠୀ, ଅମିତ୍ ଶାହା, ଅରୁଣ କୁମାର ସେଠୀ, ଲଳିତାଂଶୁ ପାତ୍ର, ଜୟନ୍ତ ଦାସ, ବିକ୍ରମ ସିଂ, ଅହମ୍ମଦ ଖାନ୍, ସୌମିକ୍‌ଦେ ପ୍ରମୁଖ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



'ଥିଲେ ଦିଅ, ନ ଥିଲେ ନିଅ' କାର୍ଯ୍ୟକ୍ରମ ଶୁଭାରମ୍ଭ।



ସେବାଶ୍ରମ ଅନ୍ତେବାସୀଙ୍କ ସହ ସିଆରପିଏଫ ଯବାନ ମୟୂର ଦାସ।

## ନିଆରା ଢଙ୍ଗରେ ନୂଆବର୍ଷ ପାଳିଲେ ଯବାନ

ଖଇରା, ୨।୧(ଡି.ଏନ.ଏ.)

ନୂଆବର୍ଷକୁ ସମସ୍ତେ ମଉଜ ମଜଲିସରେ କଟାଉଥିବା ବେଳେ ନିଆରା ଢଙ୍ଗରେ ପାଳିଛନ୍ତି ଖଇରା ବ୍ଲକ ଗୋଳିହା ପଞ୍ଚାୟତ କଣ୍ଡାବଣିଆ ଗ୍ରାମର ମୟୂର କୁମାର ଦାସ। ସିଆର୍‌ପିଏଫ ଯବାନ ମୟୂର ବୁଧବାର ନିଜର ବୋନସ ଟଙ୍କାରେ ଡଗରପଡାଠାରେ ଥିବା ବିବେକଭାରତୀ ସେବାଶ୍ରମର ଅନାଥ ପିଲାଙ୍କୁ ଭେଟି ପିନ୍ଧାବସ୍ତ୍ର ଏବଂ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପିଲାମାନଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। ଯୋଗଗୁରୁ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କଠାରୁ ଏହି ଆଶ୍ରମ ବିଷୟରେ ଶୁଣି ଏଠାକୁ ଆସିବାକୁ ମନ ବଳାଇଥିବା ସିଆର୍‌ପିଏଫ ଯବାନ ମୟୂର ପ୍ରକାଶ କରିବା ସହିତ ଆଗାମୀ ଦିନରେ ନିଜର ସକ୍ଷମ ଅନୁଯାୟୀ ଆଶ୍ରମର ଛାତ୍ରଛାତ୍ରୀମାନଙ୍କୁ ସହଯୋଗର ହାତ ବଢାଇବେ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୟୂର କୁମାର ଦାସଙ୍କ ସମେତ ବିବେକଭାରତୀ ସେବାଶ୍ରମର ପରିଚାଳକ ସ୍ୱାମୀ ଗଣେଶାନନ୍ଦ ପୁରୀ, ଯୋଗଗୁରୁ ମୁକ୍ତିକାନ୍ତ ପାଣିଗ୍ରାହୀ, ଚିନ୍ମୟ ମହାନ୍ତି ଓ ଅଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପାଗଳା କୁକୁର କାମୁଡାରେ ୪ ଗୁରୁତର

ସୋର, ୨।୧(ଡି.ଏନ୍.ଏ.): ସୋର ସହର ଅଧୀନ ମେଘମାଧବ ଓ କୋଦଣ୍ଡପୁର ଗ୍ରାମରେ ଗୁରୁବାର ଅପରାହ୍ନରେ ଏକ ପାଗଳ କୁକୁର କାମୁଡାରେ ୪ଜଣ ପିଲା ଗୁରୁତର ହୋଇଛନ୍ତି। ମେଘମାଧବ ଗ୍ରାମର ଭୋଳାନାଥ ବେହେରାଙ୍କ ଝିଅ ମୌସୁମୀ ଓ ପୁଅ ସାଇସଂକେତ ଘର ବାହାରେ ଥିବା ବେଳେ ଏହି କୁକୁର ଦୁଇ ଜଣଙ୍କୁ ଗୋଡାଇ ଗୋଡାଇ କାମୁଡି ରକ୍ତାକ୍ତ କରିଥିଲା। ସ୍ଥାନୀୟ ଲୋକେ କୁକୁରକୁ ଘଉଡାଇ ଦୁଇ ଜଣଙ୍କୁ ଉଦ୍ଧାର କରିଥିଲେ। ପରେ ସେହି କୁକୁର ନିକଟସ୍ଥ କୋଦଣ୍ଡପୁର ଗ୍ରାମର ବସନ୍ତ ମୁଦୁଲିଙ୍କ ଝିଅ ସଞ୍ଜନା(୮)ଙ୍କ ହାତ ଗୋଡକୁ କାମୁଡି ଝୁଣି ଦେଇଥିଲା। ସମସ୍ତଙ୍କୁ ସୋର ଡାକ୍ତରଖାନାକୁ ଅଣାଯାଇଥିଲେ ବି କୁକୁର କାମୁଡର ଇଞ୍ଜେକ୍ସନ୍ ଉପଲବ୍ଧ ନ ଥିବାରୁ ସେମାନଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି।

# ଆରମ୍ଭ ହେଲା ଭୋଗରାଇ ଉତ୍ସବ

ଭୋଗରାଇ, ୨।୧(ଡି.ଏନ୍.ଏ.)

ଆତସବାଜି-ରୋଶଣି ଓ ବାଦ୍ୟର ତାଳେ ତାଳେ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି ଭୋଗରାଇ ଉତ୍ସବ। ଉତ୍ସବ କମିଟି ପକ୍ଷରୁ ଆୟୋଜିତ ୧୨ତମ ଏହି ଉତ୍ସବକୁ ଜିଲା ଯୋଜନା କମିଟି ସଭାପତି ତଥା ବିଧାୟକ ଅନନ୍ତ ଦାସ ଉଦ୍‌ଘାଟନ କରିଥିଲେ। ଉତ୍ସବ କମିଟି ସାଧାରଣ ସମ୍ପାଦକ ପଙ୍କଜାକ୍ଷ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାକୁ ବ୍ୟଙ୍ଗକବି ଡ. ଶ୍ରୀକୁମାର ଘୋଷ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଅନନ୍ତ ଦାସ, ମୁଖ୍ୟବକ୍ତା ଭାବେ ବିହାର ଅଙ୍ଗ ନାଟ୍ୟମଞ୍ଚର ଅଧ୍ୟକ୍ଷ ଅଭୟ କୁମାର, ସମ୍ମାନନୀୟ ଅତଥି ଭାବେ ସଂସ୍କୃତି ଓ ବିହାର ନାଟ୍ୟମଞ୍ଚର ସଦସ୍ୟ ସଞ୍ଜୟ କୁମାର, ପୂର୍ବତନ ଏମ୍‌ପି ତଥା ସାରସ୍ୱତ ସାଧକ ଡ. କାର୍ତ୍ତିକେଶ୍ୱର ପାତ୍ର, ପ୍ରବୀଣ ଶିକ୍ଷକ ଶ୍ରୀକୃଷ୍ଣ ଦାସ, ସାମାଜିକ କର୍ମୀ ସୁଦର୍ଶନ ଦାସ, ଖବରଦାତା ବିଶ୍ୱମ୍ଭର ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରବୀଣ ଶିକ୍ଷକ ଶ୍ରୀକୃଷ୍ଣ ଦାସଙ୍କ ଦ୍ୱାରା ଓଡ଼ିଆରେ ଅନୁବାଦ ହୋଇଥିବା ଡ. କାର୍ତ୍ତିକେଶ୍ୱର ପାତ୍ରଙ୍କ ରଚିତ ଇଂରାଜୀ ପୁସ୍ତକ 'ସେକେଣ୍ଡ ଗୀତା'କୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଚଳିତବର୍ଷ ଉତ୍ସବ ମଞ୍ଚ କୋଣାର୍କ ମନ୍ଦିର ଢାଞ୍ଚାରେ ନିର୍ମିତ ହୋଇଥିବାବେଳେ ଥାନାଛକ ହେଲିପ୍ୟାଡ୍ ପଡ଼ିଆ ବିଦ୍ୟୁତ୍ ରଙ୍ଗିନ ଆଲୋକମାଳାରେ ଉଦ୍ଭାସିତ ହୋଇଛି। ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଓ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ଅର୍କେଷ୍ଟ୍ରା ପାର୍ଟି ପକ୍ଷରୁ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ଉତ୍ସବ ୧୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ।



ଭୋଗରାଇ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି

ବାଲେଶ୍ୱର ଅଫିସ, ୨।୧



ବୈଠକରେ ଯୋଗଦେଇଥିବା ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷାନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା।

ବାଲେଶ୍ୱର ଜିଲାପାଳଙ୍କ ସମ୍ମିଳନୀ କକ୍ଷ ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ୭୧ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ଦିବସ ଉପଲକ୍ଷେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା।

ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ଚନ୍ଦ୍ର ନିଆଲ ସମସ୍ତଙ୍କୁ ଇଂରାଜୀ ନବବର୍ଷର ଅଭିନନ୍ଦନ ଜଣାଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଭୋର୍ ୪ଟା ସମୟରେ ସହରରେ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୂନ ପରିବେଷଣ କରାଯିବ। ଏହାପରେ ପୂର୍ବାହ୍ନ ସାଢ଼େ ୭ଟା ସୁଦ୍ଧା ବିଭିନ୍ନ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରି, ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପୂର୍ବାହ୍ନ ସାଢ଼େ ୮ଟାରେ ପୋଲିସଲାଇନ ପଡ଼ିଆରେ ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପରେଡ଼ର ଅଭିବାଦନ ଗ୍ରହଣ କରି ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେବେ। ଏତଦ୍‌ବ୍ୟତୀତ ପ୍ରାଚୀନ ସମରକଳା ପ୍ରଦର୍ଶନ, ବିଭାଗୀୟ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପରେଡ଼ରେ ଶ୍ରେଷ୍ଠ ବିବେଚିତ ଦଳମାନଙ୍କୁ ସିଲଡ଼ ଓ କପ ପ୍ରଦାନ ବ୍ୟତୀତ ଜିଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିବେ। ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଜିଲା ମୁଖ୍ୟ ଚିକିତ୍ସାଳୟର ଅନ୍ତେବାସୀଙ୍କୁ ଫଳ ବଣ୍ଟନ, ହାଣ୍ଡିକ୍ୟାପଡ଼ ୱେଲଫେୟାର ଇନଷ୍ଟିଚ୍ୟୁଟର ଛାତ୍ରୀଛାତ୍ରମାନଙ୍କୁ ବିସ୍କୁଟ ଓ କେକ୍ ବଣ୍ଟନ, ଚିତ୍ରକଳା ପ୍ରଦର୍ଶନୀ, ପୁଷ୍ପ ପ୍ରଦର୍ଶନୀ, ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟ ଓ ପ୍ରୟାସ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କୁ ବିସ୍କୁଟ ଓ କେକ ବଣ୍ଟନ, ବାମପଦା କୁଷ୍ଠାଶ୍ରମର ଅନ୍ତେବାସୀମାନଙ୍କୁ ଫଳ ବଣ୍ଟନ, ଉତ୍କଳ ବାଳାଶ୍ରମର ଅନ୍ତେବାସୀମାନଙ୍କୁ ମଧ୍ୟାହ୍ନଭୋଜନ, ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍, ମ୍ୟୁଜିକ ଚେୟାର ଆଦି ଅନୁଷ୍ଠିତ ହେବ। ସେହିପରି ସାଧାରଣତନ୍ତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ଝୋଟି ପ୍ରତିଯୋଗିତା, ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ଓ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜାନୁୟାରୀ ୨୨, ୨୩ ଏବଂ ୨୪ତାରିଖରେ ପୋଲିସ ଲାଇନ ପଡ଼ିଆରେ ଅଭ୍ୟାସ ପରେଡ଼ ଅନୁଷ୍ଠିତ ହେବ। ସାଧାରଣତନ୍ତ୍ର ଦିବସ ସନ୍ଧ୍ୟାରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୋବିନ୍ଦ ସେଠୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷାନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧି, ବରିଷ୍ଠ ନାଗରିକ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କ ଉପକ୍ରମ)
**ଭୁବନେଶ୍ୱର ମୁଖ୍ୟ ଶାଖା**, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯

**ଦଖଲ ନୋଟିସ୍**
**(ସ୍ଥାବର / ଅସ୍ଥାବର ସମ୍ପତ୍ତି ନିମନ୍ତେ)**

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତାମାନେ: ଶ୍ରୀ ନିରୋଦ କୁମାର ନନ୍ଦ**, ପିତା: ହରିହର ନନ୍ଦ, ଏବଂ **ଜ୍ୟୋତ୍ସ୍ନାରାଣୀ ପଣ୍ଡା**, ସ୍ୱା: ନିରୋଦ କୁମାର ନନ୍ଦ, ଉଭୟଙ୍କ ଠିକଣା: ସା-ଲିଙ୍ଗିପୁର, ପୋ-ଶିଶୁପାଳଗଡ, ଜିଲ୍ଲା-ଖୋର୍ଦ୍ଧା, ଭୁବନେଶ୍ୱର- ୭୫୧୦୦୨, **ସମ୍ପତ୍ତିର ମାଲିକ: ଶ୍ରୀ ନିରୋଦ କୁମାର ନନ୍ଦ।** | ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୩୧/୧୨୯୪, ପ୍ଲଟ ନଂ.- ୧୫୨୬/୩୧୬୪, ଏରିଆ- ଏକର୦.୦୨୮ ଡିସିମିଲି, ଏବଂ ଖାତା ନଂ.- ୭୩୧/୧୨୯୨, ପ୍ଲଟ ନଂ.- ୧୫୨୭/୩୧୬୨, ଏରିଆ- ୦.୦୧୧ ଡିସିମିଲି, ସମୁଦାୟ ଏରିଆ- ଏକର୦.୦୩୯ ଡିସିମିଲି, ୮୩.ମୌଜା- ଲିଙ୍ଗିପୁର, ଡିଏସ୍ଆରଓ / ଥାନା- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଚଉହଦି: ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ.୧୫୨୮, ଉତ୍ତର- ସୁଧୀର କୁମାର ନନ୍ଦ-ଏଲ୧୮୪୧, ଦକ୍ଷିଣ- କ୍ଷିରୋଦ କୁମାର ନନ୍ଦ। | ୨୮.୧୦.୨୦୧୯ | ୦୨.୦୧.୨୦୨୦ | ତା.୨୭.୧୦.୨୦୧୯ ସୁଦ୍ଧା **ଟ.୨୯,୦୦,୪୫୪.୩୯** + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସ୍ଥାନ-ଭୁବନେଶ୍ୱର, ତାରିଖ-୦୨.୦୧.୨୦୨୦**
**କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ**

## ସଂକ୍ଷେପରେ

### ବଣିକ ସଂଘର ବାର୍ଷିକ ଅଧିବେଶନ, ବନ୍ଧୁମିଳନ

**ବାସୁଦେବପୁର,୨୧୧(ଡି.ଏନ୍.ଏ.)-** ବାସୁଦେବପୁର ବଣିକ ସଂଘର ବାର୍ଷିକ ଅଧିବେଶନ ଓ ବନ୍ଧୁମିଳନ ଉତ୍ସବ ସହରସ୍ଥିତ ନୀଳମଣି ମାର୍କେଟ୍ କମ୍ପ୍ଲେକ୍ସ ସାମ୍ନାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଂଗ୍ରେସର ଜିଲା ସଭାପତି ତଥା ଟ୍ରାନ୍ସପୋର୍ଟ ବ୍ୟବସାୟୀ ଅଶୋକ ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ୟବସାୟୀମାନେ ଗ୍ରାହକଙ୍କ ସହ ବ୍ୟବସାୟଗତ ସାଧୁତା ଧର୍ମ ପାଳନ କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରତିଷ୍ଠାତା ସଭ୍ୟ ତଥା ସମ୍ପାଦକ ମନ୍ଦରଧର ମହାପାତ୍ର ଯୋଗଦେଇ ବ୍ୟବସାୟୀମାନେ ଏକତ୍ର ହେବା ସହିତ ଲୋକଙ୍କ ସହ ସାମାଜିକ ସମ୍ପର୍କ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଭଦ୍ରକ ଜିଲା ବଣିକ ସଂଘ ସଭାପତି ଗୌରହରି ପଣ୍ଡା ସମାଜ ପ୍ରତି ବ୍ୟବସାୟୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ମତ ରଖିଥିଲେ। ସମ୍ପାଦକ ଦାଶରଥୀ ଗୁପ୍ତା ବିବରଣୀ ପାଠ ଓ ସଭାପତି ରବୀନ୍ଦ୍ର କୁମାର ବାରିକ ସଭାରେ ପୌରୋହିତ୍ୟ କରିଥିଲେ। ରଞ୍ଜନ ନାୟକ ମଞ୍ଚ ପରିଚାଳନା କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଦୁଃଶାସନ ରାଉତ ବାସୁଦେବପୁର ବଜାର ଓ ଦୋକାନୀଙ୍କ ଅତୀତ ଇତିହାସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବରିଷ୍ଠ ବ୍ୟବସାୟୀ ଈଶ୍ୱରଲାଲ ଚାଣ୍ଡକ, ମନ୍ଦରଧର ମହାପାତ୍ର ଓ ସେବା କାର୍ଯ୍ୟ ପାଇଁ ସଚିନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଅଧାପକ ରତ୍ନାକର ବାରିକ ଅତିଥି ପରିଚୟ ଓ ପୂର୍ବତନ ପ୍ରଧାନ ଶିକ୍ଷକ ମାଧବ ଚନ୍ଦ୍ର ପୁହାଣ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବଣିକ ସଂଘ ପକ୍ଷରୁ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

### ଅବସର ଜୀବନରେ ଶାନ୍ତି ଆଣେ ସେବା

**ତିହିଡ଼ି,୨୧୧(ଡି.ଏନ.ଏ.)-** ତିହିଡ଼ି ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ୫ମ ବାର୍ଷିକ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସାହିତ୍ୟିକ ଭଗବାନ ଚନ୍ଦ୍ର ନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ନାରାୟଣ ଚନ୍ଦ୍ର ବାରିକ ଓ ସମ୍ମାନିତ ବକ୍ତା ଷ୍ଟେଟବ୍ୟାଙ୍କ ତିହିଡ଼ି ଶାଖା ପରିଚାଳକ ରାଜକିଶୋର ବେହେରା ଓ ସମ୍ମାନିତ ଅତିଥି ଭାବେ ତିହିଡ଼ି ଉପକୋଷାଗାର ଅଧିକାରୀ ଅଜୟ କୁମାର ଜେନା ଯୋଗ ଦେଇଥିଲେ। ସେବା ଓ ପରୋପକାର ଅବସର ଜୀବନରେ ଶାନ୍ତି ଆଣି ଦେଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିବରଣୀ ପାଠ କରିଥିଲେ ସମ୍ପାଦକ କାଳୀଚରଣ ମଲ୍ଲିକ। ସୁରେନ୍ଦ୍ର କୁମାର ସେନାପତି ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସମୀକ୍ଷା ମିଶ୍ର, ଓମ୍‌ପ୍ରକାଶ ମହାନ୍ତି, ସ୍ମୃତିକଲ୍ୟାଣୀ ମିଶ୍ର ଓ ଅଭିଜିତ୍ ବେହେରାଙ୍କୁ କୋହ୍ଲ ଗୋପୀନାଥ ଫାଉଣ୍ଡେସନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ବାବାଜୀ ମହାକୁଡ଼, ନିତ୍ୟାନନ୍ଦ ନାୟକ, ସର୍ବେଶ୍ୱର ବଳ, ନାରାୟଣ ଚନ୍ଦ୍ର ସାହୁ, ମାୟାଧର ପରିଡ଼ା, ପ୍ରେମାନନ୍ଦ ବଳ, ନିର୍ମଳ ଦଳେଇ, ଅବନ୍ତୀ ପାଢ଼ୀ, ଉମାକାନ୍ତ ତ୍ରିପାଠୀ ଓ କୈଳାସ ଭୂୟାଁ ପ୍ରମୁଖ କର୍ମଚାରୀମାନଙ୍କ ଅଭାବ ଅସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଶିକ୍ଷାବିତ୍ ସୁରେନ୍ଦ୍ର ବଳ ଧନ୍ୟବାଦ ଦେଇଥିଲେ।

### 'ସମାଜର ଉନ୍ନତି ଲାଗି ଅଙ୍ଗୀକାରବଦ୍ଧ ହୁଅ'

**ଭଦ୍ରକ ଅଫିସ,୨୧୧-** ଭଦ୍ରକ ଚରମ୍ପା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ପୋଷ୍ୟ ଗ୍ରାମ ଅସୁରା ଓ ତ୍ରିଶଳପୁରରେ ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ବ୍ରଜକିଶୋର ବଳ ସଭାପତିତ୍ୱ କରିଥିଲେ। ପ୍ରୋଗ୍ରାମ ଅଫିସର ଡ. ଉତ୍ପଳା ନାୟକ ଓ ଡ. ରମେଶ ଚନ୍ଦ୍ର ଦାସ ସାତଦିନ ଧରି ଶିବିରର ଅନୁଭୂତି କହିଥିଲେ। ମୁଖ୍ୟଅତିଥି ଭାବେ ଅସୁରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତାରାମଣି ଦାଶ, ଅନ୍ୟତମ ଅତିଥି ଏସ୍‌ଏସ୍‌ଜି ମହାସଂଘର ସଭାପତି ପ୍ରତିଭା ମଲ୍ଲିକ ଓ କପିଳ ଚରଣ ଦାଶ ଯୋଗଦେଇ ଶିବିରାର୍ଥୀମାନେ ସମାଜର ଉନ୍ନତି ଲାଗି ଅଙ୍ଗୀକାରବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ପ୍ରାଧାପିକା ସତ୍ୟରାଣୀ ମହାନ୍ତି, ପ୍ରାଧାପକ ପୀତାମ୍ବର ନାୟକ, ଅଧାପକ ବସନ୍ତ ପାତ୍ର, ହେମନ୍ତ ନାୟକ, ଜଗନ୍ନାଥ ଧଳ, ଅମର ଦାସ, ଅଧାପିକା ସୁକାନ୍ତି ମହାପାତ୍ର, ମିନତି ପ୍ରଧାନ, ଫିର୍‌ଦୋସ୍ ହୋସେନ୍ ଓ ନିବେଦିତା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

# ଜମି ଅନୁଯାୟୀ ମିଳୁନି ଧାନବିକ୍ରି ଅନୁମତି

**ଭଦ୍ରକ ଅଫିସ,୨୧୧**

- ମଣ୍ଡିରେ ଚାଷୀ ହତାଶ
- ଦଲାଲ ମାଧ୍ୟମରେ ଶୋଷଣ ହେବାର ଆଶଙ୍କା
- ଏଆର୍‌ସିଏସ୍‌ଙ୍କ ନିକଟରେ ଚାଷୀଙ୍କ ଅଭିଯୋଗ

ସରକାରୀ ସ୍ତରରେ ତଳସ୍ତରର କର୍ମଚାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଚାଷୀମାନେ ଉପଯୁକ୍ତ ପରିମାଣର ଧାନ ସମବାୟ ସମିତି ମାଧ୍ୟମରେ ବିକ୍ରି କରି ନ ପାରି ଦଲାଲଙ୍କ ଦ୍ୱାରା ଶୋଷଣର ଶିକାର ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଭଦ୍ରକ ଉପକଣ୍ଠ ପରସିଙ୍ଗା ପଞ୍ଚାୟତ ଅଧୀନ ତେନ୍ତୁଳିଗଡ଼ିଆ ଗାଁର ବ୍ରଜନାଥ ପଲାର ଗୁରୁବାର ଏ ସମ୍ପର୍କରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ଏଆର୍‌ସିଏସ୍ ସ୍ୱାତୀବାଳା ମହାପାତ୍ରଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ସମବାୟ ସମିତିସ୍ତରରେ ଚାଷୀଙ୍କ ଜମି କାଗଜପତ୍ର ନିଆଯାଇ ପଞ୍ଜୀକରଣ କରାଯାଇଥିଲା। ସେହି ସମୟରେ ସମବାୟ ସମିତିର କେତେଜଣ କର୍ମଚାରୀଙ୍କ ଡାଟାଏଣ୍ଟ୍ରି ବେଳେ ଖାମଖିଆଲି ମନୋଭାବ କାରଣରୁ ଉପଯୁକ୍ତ ପରିମାଣର ଧାନବିକ୍ରିରୁ ଚାଷୀମାନେ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ବ୍ରଜନାଥ ଅଭିଯୋଗ କରିଛନ୍ତି ଯେ, ତାଙ୍କର ୩.୫ ଏକର ଚାଷଜମି ରହିଛି। ଏକର ପିଛା ଜଳସେଚିତ ଜମି ହାରରେ ୧୮ କୁଇଣ୍ଟାଲ ଧାନ ବିକ୍ରି କରିପାରିବାର ସରକାରୀ ନିୟମ ରହିଛି। ନିୟମ ମୁତାବକ ୩.୫ ଏକର ଅନୁଯାୟୀ ୬୨ କୁଇଣ୍ଟାଲ ଧାନ ବିକିପାରିବେ। ହେଲେ ସରକାରୀ ଭାବେ ତାଙ୍କୁ ୧.୯୦ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଅଗ୍ରିମ ଟୋକନ୍ ପ୍ରଦାନ କରାଯାଇଛି। ଏହି ଟୋକନ ଦେଖି ସେ ଚିନ୍ତାରେ ପଡ଼ିଯାଇଛନ୍ତି। ଆଉ ବଳକା ଧାନ ଦଲାଲଙ୍କୁ ବିକିଲେ ପ୍ରାୟ ୪୦ ହଜାର ଟଙ୍କା କ୍ଷତି ସହିବାକୁ ପଡ଼ିବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ଏହିଭଳି ଅନେକ ଚାଷୀଙ୍କ ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ଫଳରେ ଚାଷୀମାନେ ନିଜ ଜମି ମୁତାବକ ମଣ୍ଡିରେ ଧାନ ବିକ୍ରି କରି ନ ପାରି ହତାଶ ହେଉଛନ୍ତି। ଏ ସମ୍ପର୍କରେ ଏଆର୍‌ସିଏସ୍ ମହାପାତ୍ରଙ୍କୁ ପଚାରିବାରୁ ସମସ୍ୟା କାହିଁକି ଓ କେଉଁ ସ୍ତରରେ ହୋଇଛି ଏହାର ତଦନ୍ତ କରାଯିବ ଓ ପରବର୍ତ୍ତୀ ମୁହୂର୍ତ୍ତରେ ସେମାନଙ୍କୁ ଅନୁମତି ଦିଆଯାଇ ଧାନକ୍ରୟ କରାଯିବ ବୋଲି କହିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଚଳିତବର୍ଷ ଜିଲାରେ ୫୧ ହଜାର ୨୩୪ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ସରକାରୀ ସ୍ତରରେ ସେମାନଙ୍କଠାରୁ ମୋଟ ୨୦ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ସକାଶେ ଲକ୍ଷ୍ୟ ରଖାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୩ ଓ ଦ୍ୱିତୀୟରେ ୭ ଲକ୍ଷ କୁଇଣ୍ଟାଲ ଧାନକ୍ରୟ କରାଯିବ ବୋଲି ଧାର୍ଯ୍ୟ ହୋଇଛି।

## ମନ୍ଦିରରେ ଅବସ୍ଥାପିତ ହେଲା ଆଖଣ୍ଡଳମଣିଙ୍କ ରତ୍ନପଲଙ୍କ



ଆଖଣ୍ଡଳମଣି ମନ୍ଦିରରେ ଥିବା ରତ୍ନପଲଙ୍କ।

**ଆରଡ଼ି,୨୧୧(ଡି.ଏନ୍.ଏ.)**

ଇଂରାଜୀ ନବବର୍ଷ ଆରମ୍ଭରେ ଆରଡ଼ିର ଆଖଣ୍ଡଳମଣି ମନ୍ଦିରରେ ମଣିବାବାଙ୍କ ରତ୍ନପଲଙ୍କ ଅବସ୍ଥାପିତ କରାଯାଇଛି। ମରାମତି ପରେ ରତ୍ନପଲଙ୍କକୁ ପ୍ରଥମେ ଶୁଦ୍ଧୀକରଣ ଲାଗି ପୂଜାର୍ଚ୍ଚନା କରାଯାଇଥିଲା। ଏଥିନିମନ୍ତେ ହୋମଯଜ୍ଞ ଆୟୋଜିତ ହୋଇଥିଲା। ଏହାପରେ ମନ୍ଦିର ଗର୍ଭଗୃହରେ ରତ୍ନପଲଙ୍କକୁ ଯଥାସ୍ଥାନରେ ଅବସ୍ଥାପିତ କରାଯାଇଥିଲା। ଏବେଠାରୁ ବାବା ପୁନଶ୍ଚ ରତ୍ନପଲଙ୍କରେ ଶୟନ କରିବେ ବୋଲି ସେବାୟତମାନେ ପ୍ରକାଶ କରିଛନ୍ତି। ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ କହିଛନ୍ତି ଯେ, ରତ୍ନପଲଙ୍କରେ ହୋଇଥିବା ସୂକ୍ଷ୍ମ କାରୁକାର୍ଯ୍ୟକୁ ମରାମତି କରିବା ମନ୍ଦିର ପ୍ରଶାସନ ପାଇଁ ଆହ୍ୱାନ ଥିଲା। ସୁଦୂର କଲିକତାରୁ ଏଥିଲାଗି ସାମଗ୍ରୀ କିଣାଯାଇଥିଲା। ଏହି ମରାମତି କାର୍ଯ୍ୟରେ ପ୍ରାୟ ୪୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି।

ଉଲ୍ଲେଖନୀୟ ଯେ, ମନ୍ଦିରରେ ଦିଅଁଙ୍କ ପାଇଁ ପ୍ରତିଦିନ ଶୟନ ବ୍ୟବସ୍ଥା ସେବାୟତମାନେ କରିଥାନ୍ତି। ବାବାଙ୍କ ଶୟନ ଲାଗି କନିକା ରାଜା ଅଷ୍ଟାଦଶ ଶତାବ୍ଦୀରେ ନିର୍ମାଣ କରିଥିଲେ ରତ୍ନପଲଙ୍କ। ଏହି ପଲଙ୍କରେ ଗଜଦନ୍ତ ଓ ଅସ୍ଥି ଲାଗିଥିବା କୁହାଯାଉଛି। ୪ ମାସ ତଳେ କନିକା ରାଜାଙ୍କ ନିର୍ମିତ ରତ୍ନପଲଙ୍କର ପ୍ରାୟ ୮୦ ପ୍ରତିଶତ ଭାଙ୍ଗିଯାଇଥିଲା। ଏହା ଦେଖିବା ପରେ ସେବାୟତମାନେ ଜିଲା ଓ ମନ୍ଦିର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ମରାମତି ପାଇଁ ସେମାନେ ଦାବି ଜଣାଇଥିଲେ। ଜିଲା ପ୍ରଶାସନ ରତ୍ନପଲଙ୍କ ମରାମତି କାର୍ଯ୍ୟ ମନ୍ଦିର ପ୍ରଶାସନକୁ ପ୍ରଦାନ କରିଥିଲା। ପଲଙ୍କକୁ ଗର୍ଭଗୃହରୁ ବାହାରକୁ ଆଣି ନାଟମଣ୍ଡପରେ ରଖାଯାଇଥିଲା। ସେଠାରେ ମହାରଣା ସେବାକାରୀଙ୍କ ଦ୍ୱାରା ମରାମତି କାର୍ଯ୍ୟ ଜାରି ରହିଥିଲା। ରତ୍ନପଲଙ୍କ ସ୍ଥାନରେ ମନ୍ଦିରରେ ଅନ୍ୟ ଏକ କାଠ ନିର୍ମିତ ପଲଙ୍କ ରଖାଯାଇଥିଲା। ସେହି ପଲଙ୍କରେ ବାବାଙ୍କ ଶୟନ କାର୍ଯ୍ୟ ସମାପିତ ହୋଇଆସୁଥିଲା। ମରାମତି ସରିବା ପରେ ଗୁରୁବାର ମନ୍ଦିରରେ ରତ୍ନପଲଙ୍କ ଅବସ୍ଥାପିତ କରାଯାଇଛି।

## ମହତାବଙ୍କ ପ୍ରତିମୂର୍ତ୍ତି ଅନାବରଣ କଲେ କେନ୍ଦ୍ରମନ୍ତ୍ରୀ



କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବନ୍ତ ଚାରିଗାଁ ସ୍କୁଲ ପରିସରରେ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତି ଅନାବରଣ କରୁଛନ୍ତି।

**ବନ୍ତ,୨୧୧(ସ୍ୱ.ପ୍ର.)**

ନବଉତ୍କଳର ନିର୍ମାତା ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ୩୩ତମ ଶ୍ରାଦ୍ଧବାର୍ଷିକ ଅବସରରେ ବନ୍ତ ବ୍ଲକ ଚାରିଗାଁ ସ୍କୁଲ ପରିସରରେ ନିର୍ମିତ ମହତାବଙ୍କ ପ୍ରତିମୂର୍ତ୍ତିକୁ ଗୁରୁବାର କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅନାବରଣ କରିଛନ୍ତି। ସ୍ମୃତି କମିଟି ସଭାପତି ଶିକ୍ଷାବିତ୍ ରଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅନାବରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଯୋଗଦେଇ ମହତାବ ଏକାଧାରରେ ସାହିତ୍ୟିକ, ସୁଲେଖକ, ରାଜନୀତିଜ୍ଞ ସମେତ ବହୁ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଭାଜପା ଜିଲା ସଭାପତି ହେମନ୍ତ ପାଢ଼ୀ, ପୂର୍ବତନ ଜିଲା ସଭାପତି ବଦ୍ରିନାରାୟଣ ଧଳ, ଦଳୀୟ ନେତା ଅଭିମନ୍ୟୁ ସେଠୀ, ପ୍ରଦୀପ ନାୟକ, ମନସ୍ମିତା ଖୁଣ୍ଟିଆ, ସରପଞ୍ଚ ବନମାଳୀ ବେହେରା, ଉପସଭାପତି ମଧୁସୂଦନ ପଣ୍ଡା ଓ ସମ୍ପାଦକ ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ସ୍ମୃତି କମିଟି ସାଧାରଣ ସମ୍ପାଦକ ଖବରଦାତା ହେମନ୍ତ କୁମାର ସିଂହ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମୃତି କମିଟି ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଆଗରପଡ଼ାରେ ପହଞ୍ଚିବା ପରେ ଦଳୀୟ କର୍ମୀମାନେ ତାଙ୍କୁ ସ୍ୱାଗତ କରି ଏକ ବାଇକ୍ ଶୋଭାଯାତ୍ରାରେ ଉତ୍ସବସ୍ଥଳ ଚାରିଗାଁକୁ ଆଣିଥିଲେ। କମିଟିର ସଦସ୍ୟ ଗୋଲକ ବିହାରୀ ପୃଷ୍ଟି, ଧରଣୀଧର କର, ରବୀନ୍ଦ୍ର ଜେନା, ମଙ୍ଗଳିଆ ଜେନା, ରାଜେଶ ପୃଷ୍ଟି, ସନାତନ ରାଉଳ, ସନ୍ତୋଷ ପତି ଓ ରମେଶ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜିଲା ଚିକିତ୍ସାଧିକାରୀଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

**ବନ୍ତ,୨୧୧(ସ୍ୱ.ପ୍ର.)**

ବନ୍ତ ବ୍ଲକ ଅଡ଼ାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏନ୍‌ସିଡି କାର୍ଯ୍ୟକ୍ରମ ଚାଲୁଥିବାବେଳେ ଗୁରୁବାର ଭଦ୍ରକ ଜିଲା ଚିକିତ୍ସାଧିକାରୀ ଡା. ଜଗନ୍ନାଥ ପାଢ଼ୀ ପରିଦର୍ଶନରେ ଯାଇଥିଲେ। ରକ୍ତଚାପ, ଡାଇବେଟିସ ଓ ସର୍ଜିକାଲ କ୍ୟାନ୍‌ସର ବିଷୟରେ ବୁଝାଇବା ସହ ୩୬ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଜିଲା ଚିକିତ୍ସାଧାରୀଙ୍କ ସହ ଏପିଡେମୋଲୋଜିଷ୍ଟ ଡା. କାଶୀନାଥ ପଣ୍ଡା ଯାଇଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡା. ଦିଲୀପ ସାହୁ, ସୁପରଭାଇଜର କୃପାସିନ୍ଧୁ ସେଠୀ, ଷ୍ଟାଫ ନର୍ସ ମାନସୀ ସେଠୀ, ସ୍ୱାସ୍ଥ୍ୟକର୍ମୀ ଚନ୍ଦ୍ରକାନ୍ତ ବିଶ୍ୱାଳ, ସସ୍ମିତା ସାହୁଙ୍କ ସମେତ ଆଶାକର୍ମୀମାନେ ଉପସ୍ଥିତ ଥିଲେ।

## ଧୂଷୁରୀରେ ବିଶ୍ୱଶାନ୍ତି ମହାଯଜ୍ଞ

**ଧାମନଗର, ୨୧୧(ଡି.ଏନ୍.ଏ.)**



ଧୂଷୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଯଜ୍ଞ କାର୍ଯ୍ୟ ଚାଲିଛି।

ଧାମନଗର ବ୍ଲକ ଧୂଷୁରୀ ଆଞ୍ଚଳିକ ପଣ୍ଡିତ ମଣ୍ଡଳୀ ପକ୍ଷରୁ ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ତ୍ରିଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ଅଧିବାସ, ଅଙ୍କୁରାରୋପଣ, ମଙ୍ଗଳବାର କଳସ ଶୋଭାଯାତ୍ରା ଓ ଅଗ୍ନିସ୍ଥାପନ ହୋଇଥିଲା। ନୂଆବର୍ଷ ବୁଧବାର ଚଣ୍ଡିଯଜ୍ଞ ଆରମ୍ଭ ହୋଇଥିଲା। ପାର୍ବତୀ ହୋତା ଓ ପଣ୍ଡିତ ଭାବଗ୍ରାହୀ ହୋତା ସଂକଳ୍ପ କରିଥିଲେ। ମୁଖ୍ୟ ପୁରୋହିତ ଭାବେ ଧୀରେନ୍ଦ୍ର ପତିଙ୍କ ସମେତ ଶଶିକାନ୍ତ ପାଣି, ଦୀନବନ୍ଧୁ ହୋତା, ଧନେଶ୍ୱର ସାଏନ୍ତ, ନବଘନ ସାଏନ୍ତ, ଭୁବନାନନ୍ଦ ପଣ୍ଡା, ଚନ୍ଦ୍ରକାନ୍ତ ପତ୍ରୀ, ଅନ୍ତର୍ଯ୍ୟାମୀ ମହାପାତ୍ର, ଦିଲୀପ ପତି ପ୍ରମୁଖ ମହାଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ଅତିଥି ପଣ୍ଡିତ ଭାବେ ଚତୁର୍ଭୁଜ ତ୍ରିପାଠୀ ଓ ଅକ୍ଷୟ ଶତପଥୀ ଯୋଗଦେଇଥିଲେ। ହରେକୃଷ୍ଣ ବାରିକ ନାପିତ ଭାବେ ସହଯୋଗ କରିଥିଲେ। ଗୁରୁବାର ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଯାଇଛି। ଶ୍ରୀଜଗନ୍ନାଥ ଟ୍ରଷ୍ଟ ବୋର୍ଡ ପରିଚାଳନା କରିଥିଲା।

# ଜିଲାପାଳଙ୍କ ଚାନ୍ଦବାଲି ଗସ୍ତ

**ଚାନ୍ଦବାଲି, ୨୧୧ (ଡି.ଏନ.ଏ.)**

### ସ୍କୁଲ ପିଲାଙ୍କ ସହ ଖାଇଲେ ମଧ୍ୟାହ୍ନଭୋଜନ



ଚାନ୍ଦବାଲି ତହସିଲ ଅଫିସରେ ସମୀକ୍ଷା ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଜିଲାପାଳ।

ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାଶ ଗୁରୁବାର ଚାନ୍ଦବାଲି ବ୍ଲକ ଗସ୍ତ କରିଥିଲେ। ଏହି ଗସ୍ତ ଅବସରରେ ସେ ତହସିଲ ଅଫିସ୍ ପରିସରରେ ବିଭିନ୍ନ ବିଭାଗର ସମୀକ୍ଷା ବୈଠକ କରିଥିଲେ। ଏଥିରେ ଚାନ୍ଦବାଲି ଏନ୍‌ଏସି ଅଞ୍ଚଳ ଏବଂ ଆର୍‌ଏମ୍‌ସି, ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ବିଭିନ୍ନ ପ୍ରକଳ୍ପ ପାଇଁ ଉପୁଜିଥିବା ଜମି ଅଧିଗ୍ରହଣ ସମସ୍ୟା ନେଇ ଆଲୋଚନା କରିଥିଲେ ଜିଲାପାଳ। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରହିଲେ ଜମି ଅଧିଗ୍ରହଣରେ ସୁବିଧା ହେବ ବୋଲି ସେ କହିଥିଲେ। ବ୍ଲକ ଅଫିସର ଆମ ଗାଁ ଆମ ବିକାଶ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ସାମାଜିକ ସୁରକ୍ଷା ଯୋଜନାର ସମୀକ୍ଷା କରିଥିଲେ। ସେହିପରି ତହସିଲର ରାଜସ୍ୱ ଆଦାୟ, ରାଜସ୍ୱ ମାମଲାର ଫଇସଲା ଏବଂ ଚାନ୍ଦବାଲି ଏନ୍‌ଏସି ଅଫିସରେ କେତେକ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରାଯାଇଥିଲା। ମଧ୍ୟାହ୍ନରେ ଜିଲାପାଳ ଭଦ୍ରକ-ଚାନ୍ଦବାଲି ରାସ୍ତାପାର୍ଶ୍ୱରେ ଥିବା ପାଞ୍ଚପଡ଼ା ଶିବଦୁର୍ଗା ନୋଡାଲ ହାଇସ୍କୁଲ ପରିଦର୍ଶନ କରିଥିଲେ। ସେଠାରେ ଛାତ୍ରୀଛାତ୍ରଙ୍କ ସହିତ ଜିଲାପାଳ ଦାଶ ଓ ଉପଜିଲାପାଳ ପୀତାମ୍ବର ସାମଲ ମଧ୍ୟାହ୍ନଭୋଜନ ଖାଇବା ସହ ଖାଦ୍ୟର ମାନ ସମ୍ପର୍କରେ ସେମାନଙ୍କୁ ପଚାରି ବୁଝିଥିଲେ। ତହସିଲ ଅଫିସ୍ ପରିସରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଧାୟକ ବ୍ୟୋମକେଶ ରାୟ, ଜିଲାପରିଷଦ ଅଧକ୍ଷ ଦ୍ୱିଜବର ରାଉତ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ରଞ୍ଜନ ସାହୁ, ତହସିଲଦାର ସତ୍ୟଜିତ ରାଉତ, ବିଡିଓ ଶ୍ୟାମସୁନ୍ଦର ଗୁଡ୍ଡୁ, ଆର୍‌ଏମ୍‌ସି ସମ୍ପାଦକ ଗୋପବନ୍ଧୁ ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ।

## ପରମବ୍ରହ୍ମ ଗୀତାଯଜ୍ଞ ଉଦ୍‌ଯାପିତ

**ବାସୁଦେବପୁର,୨୧୧(ଡି.ଏନ.ଏ.)-** ବାସୁଦେବପୁର ବ୍ଲକ କିସ୍ମତକୃଷ୍ଣପୁର ମୁନି ପଡ଼ିଆଠାରେ ପରମବ୍ରହ୍ମ ସେବା ଦଳ ମଣ୍ଡଳୀ ପକ୍ଷରୁ ଚାଲିଥିବା ଦ୍ୱାଦଶ ବାର୍ଷିକ ପରମବ୍ରହ୍ମ ଗୀତାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗୁଣମଣି ସେନାପତିଙ୍କ ତତ୍ତ୍ୱାବଧାନରେ ୩ ଦିନ ବ୍ୟାପୀ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଘଟୋତ୍ତଳନ ଗୀତାଯଜ୍ଞର ଶୁଭାଧିବାସ, କଳସ ଶୋଭାଯାତ୍ରା, ବେଦପାଠ, ଭଜନ, ପ୍ରବଚନ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଗୀତାପାଠ, ନାମସଂକୀର୍ତ୍ତନ, ବିଷ୍ଣୁ ସହସ୍ରନାମ ସମେତ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ସହିତ ମହୋତ୍ସବରେ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

## କନ୍ୟାଶ୍ରମରେ ନୂଆବର୍ଷ ପାଳିଲେ ବିରୋଧୀ ଦଳ ଉପନେତା

**ଭଦ୍ରକ ଅଫିସ,୨୧୧**

ଭଦ୍ରକ ପଗଡ଼ସ୍ଥିତ ମାନବ ସେବା କନ୍ୟାଶ୍ରମର ଅନ୍ତେବାସିନୀମାନଙ୍କ ସହ ବିରୋଧୀ ଦଳ ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀ ନୂତନ ବର୍ଷ ପାଳନ କରିଛନ୍ତି। ଆଶ୍ରମ ଅନ୍ତେବାସୀଙ୍କ ସହ ସମୟ ବିତାଇ ସେ ଖୁସିବ୍ୟକ୍ତ କରିଛନ୍ତି। ସେ ଅନ୍ତେବାସୀଙ୍କ ସହ କଥା ହେବା ସହ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ନିଜର ସାଧ୍ୟମତେ ସମସ୍ୟାର ସମାଧାନ ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ସହ ଡା. ପ୍ରଦୀପ ନାୟକ, ଶଶିକାନ୍ତ ବିଶ୍ୱାଳ, ବୀରେନ୍ଦ୍ର ଜେନା ଓ ବିକାଶ ଶ୍ରେଷ୍ଠା ଉପସ୍ଥିତ ଥିଲେ। ଆଶ୍ରମର ପରିଚାଳନା ସଭାପତି ଅକ୍ଷୟ କୁମାର ମିଶ୍ର ଓ ସମ୍ପାଦକ ପଞ୍ଚାନନ କର ବିଧାୟକଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।



ଅନ୍ତେବାସିନୀଙ୍କ ସହ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ।

# ଉର୍ସ ଉତ୍ସବରେ ଲକ୍ଷାଧିକ ଭକ୍ତ

**ଧାମନଗର, ୨୧୧(ଡି.ଏନ୍.ଏ.)**

ଭଦ୍ରକ ଜିଲା ଧାମନଗର ସ୍ଥିତ ଖାନକା ସରିଫ୍‌ର ପ୍ରତିଷ୍ଠାତା ମୁଜାହିଦ୍ ମିଲତ୍ ମୌଲାନା ହବିବୁର ରହେମାନଙ୍କ ୪୦ତମ ସର୍ବଭାରତୀୟ ଉର୍ସ ଉତ୍ସବରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ବୁଧବାର ରାତିରେ ଅନୁଷ୍ଠିତ ସର୍ବଭାରତୀୟ କବି ସମ୍ମିଳନୀରେ ୩୭୨ଜଣ କବି ଯୋଗ ଦେଇଥିଲେ। ଗୁରୁବାର ଭୋରରେ ବାବାଙ୍କ ସ୍ନାନୋତ୍ସବ ପରେ ଦର୍ଶନ ଆରମ୍ଭ ହୋଇଥିଲା। ପୂର୍ବାହ୍ନରେ ଚାଦର ଶୋଭାଯାତ୍ରା ଦୁଇ ଗେଟ୍ ଦେଇ ପ୍ରବେଶ କରିଥିଲା। ଅପରାହ୍ନରେ ମତଅଲ୍ଲୀ ସୟଦ ଗୋଲାମ ମହମ୍ମଦ ହବିବିଙ୍କ ଦ୍ୱାରା ସାମୂହିକ ନମାଜପାଠ ଅନୁଷ୍ଠିତ ହୋଇଥିଲା। ଲକ୍ଷାଧିକ ଭକ୍ତ ଏଥିରେ ଯୋଗ ଦେଇଥିଲେ। ପ୍ରଶାସନ ପକ୍ଷରୁ ସାନବଜାର ଛକଠାରୁ ହବିବନଗର ଛକ ପର୍ଯ୍ୟନ୍ତ ସମସ୍ତ ଡାକବାଜି ଯନ୍ତ୍ରକୁ ବନ୍ଦ କରାଯାଇଥିଲା। ଚାଦର ଶୋଭାଯାତ୍ରା ସମୟରେ ମଧ ଡାକବାଜି ବନ୍ଦ କରାଯାଇଥିଲା। ପ୍ରାର୍ଥନା ସମୟ ପୂର୍ବରୁ ଚାଦର ଶୋଭାଯାତ୍ରା ସରିଥିଲା।



ଉତ୍ସବରେ ଶ୍ରଦ୍ଧାଳୁଙ୍କ ଭିଡ଼।

### ଚାଦର ଶୋଭାଯାତ୍ରା, ସାମୂହିକ ନମାଜ ପାଠ

ଦୁଇଦିନିଆ ସର୍ବଭାରତୀୟ ଉର୍ସ ଉତ୍ସବ ପାଇଁ ଜିଲା ପୋଲିସ, ଉର୍ସ କମିଟି ଓ ବ୍ଲକ ପ୍ରଶାସନ ସମେତ ଶାନ୍ତି କମିଟି ଦ୍ୱାରା ପୂର୍ବରୁ ପ୍ରସ୍ତୁତି ହିସାବରେ କାର୍ଯ୍ୟକାରୀ ହୋଇଛି। ଏସ୍‌ପି ଏବଂ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ରାଜ୍ୟ ବାହାର ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି ହେଉଥିବାବେଳେ ଷ୍ଟଲ୍ ନିକଟରେ ଲୋକଙ୍କ ଭିଡ଼ ଜମିଥିଲା। ଅପରାହ୍ନରେ ସାମୂହିକ ପ୍ରାର୍ଥନା ପରେ ସର୍ବଭାରତୀୟ ସ୍ତରୀୟ ଆଗତ ମୌଲାନାମାନଙ୍କ ଦ୍ୱାରା ଧର୍ମବାଣୀ ପ୍ରଚାର କାର୍ଯ୍ୟକ୍ରମ ହୋଇଥିଲା।

“ ଟେନିସରେ ଦୁଇଟି ପୁରୁଷ ଟିମ୍ ପ୍ରତିଯୋଗିତାର ଆବଶ୍ୟକତା ନାହିଁ, ବରଂ ନୂଆ ଏଟିପି କପ୍‌ର ଡେଭିସ୍ କପ୍‌ରେ ବିଲୟ ଘଟିବା ଉଚିତ୍ ।
–ନୋଭାକ୍ ଜୋକୋଭିଚ୍, ସର୍ବୀୟ ଟେନିସ୍ ଷ୍ଟାର



“ ଭାରତୀୟ ସ୍ୱଳ୍ପ ବୟସ୍କା ଓପନର ଶେଫାଳୀ ବର୍ମା ଯେଭଳି ଦୃଢ ବ୍ୟାଟିଂ କରୁଛନ୍ତି, ଭବିଷ୍ୟତରେ ସେ ଅନେକଙ୍କ ନଜରରେ ରହିବେ ।
–ଲିଆ ପୋଲ୍‌ଟନ, ଅଷ୍ଟ୍ରେଲିଆ ମହିଳା ଏ’ କ୍ରିକେଟ ଦଳର କୋଚ୍



## ସଂକ୍ଷେପରେ

### ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ତୃତୀୟ ଟେଷ୍ଟ ଆଜିଠାରୁ

ସିଡ୍‌ନୀ, ୨।୧ (ପି.ଟି.)-ସିଡ୍‌ନୀଠାରେ ଶୁକ୍ରବାରଠାରୁ ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ତୃତୀୟ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ମ୍ୟାଚ ଅନୁଷ୍ଠିତ ହେବ। ପର୍ଥ ଓ ମେଲବୋର୍ନଠାରେ ଅନୁଷ୍ଠିତ ପ୍ରଥମ ଓ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଜିତି ଅଷ୍ଟ୍ରେଲିଆ ଆଗୁଆ ସିରିଜ କବ୍‌ଜା କରିନେଇଛି। ସମ୍ମାନ ରକ୍ଷିବା ଲାଗି ନ୍ୟୁଜିଲାଣ୍ଡ ଏଠାରେ ଅନ୍ତିମ ମ୍ୟାଚ ଜିତିବାକୁ ପ୍ରାଣପଣେ ଚେଷ୍ଟା କରିବ। ନ୍ୟୁ ସାଉଥୱେଲ୍ସ ଜଙ୍ଗଲରେ ଅଗ୍ନିକାଣ୍ଡ ଯୋଗୁ ତାପମାତ୍ରା ଉଚ୍ଚା ଏବଂ ଧୂଆଁଳିଆ ପରିବେଶ ରହିବ। ଏହି ପରିବେଶରେ ଖେଳିବା ଏକ ପ୍ରକାର ଚ୍ୟାଲେଞ୍ଜ ହେବ। ବାୟୁମଣ୍ଡଳର ମାନକୁ ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ଠାରୁ ଆରମ୍ଭ କରି ରାଜ୍ୟ ସରକାର ଏବଂ ଅଷ୍ଟ୍ରେଲିଆ ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସର ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ରହିଛି। ଚଳିତ ମାସରେ ଜଙ୍ଗଲରେ ଅଗ୍ନିକାଣ୍ଡ ଜନିତ କାରଣ ଯୋଗୁ କାନ୍‌ବେରାଠାରେ ଏକ ବିଗ୍ ବାଶ୍ ମ୍ୟାଚକୁ ବାତିଲ କରାଯାଇଥିଲା।

### ସେକ୍ରେଟାରିଏଟ କପ୍ କ୍ରିକେଟ ୨୩ରୁ

ଭୁବନେଶ୍ୱର,୨।୧(ସ୍ପୋର୍ଟ୍ସ ବ୍ୟୁରୋ)- ଆସନ୍ତା ୨୩ରୁ ଫେବୃୟାରୀ ୧୯ ତାରିଖ ପର୍ଯ୍ୟନ୍ତ ଏଠାରେ ଓଡ଼ିଶା ସେକ୍ରେଟାରିଏଟ କ୍ରିକେଟ ଆସୋସିଏଶନ ପକ୍ଷରୁ ୧୯ତମ ସେକ୍ରେଟାରିଏଟ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଭୁବନେଶ୍ୱରସ୍ଥିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଅଫିସ, ନିଗମ, କମ୍ପାନୀ ଓ ବେସରକାରୀ ଅଫିସ ଏଥିରେ ଅଂଶଗ୍ରହଣ କରିପାରିବେ। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଥିବା ଅଫିସମାନେ ସିଧାସଳଖ ଆସୋସିଏଶନ ସମ୍ପାଦକ ତରୁଣ ଚନ୍ଦ୍ର ପାଲଙ୍କ ସହ ଯୋଗାଯୋଗ କରିପାରିବେ। ଆସନ୍ତା ୧୩ ତାରିଖକୁ ଆବେଦନ ପାଇଁ ଅନ୍ତିମ ଦିନ ଧାର୍ଯ୍ୟ କରାଯାଇଛି। ଲିଗ୍ କମ୍ ନକଆଉଟ୍ ଭିତ୍ତିରେ ୧୬ ଦଳ ଅଂଶଗ୍ରହଣ କରିବେ।

## ରଣଜୀ ଟ୍ରଫି: ଓଡ଼ିଶା-ତ୍ରିପୁରା ମ୍ୟାଚ୍

# ସ୍ପିନରଙ୍କ ଉପରେ ଓଡ଼ିଶାର ଭରସା

କଟକ ଅଫିସ,୨।୧

ତ୍ରିପୁରାର ଅଗରତାଲାସ୍ଥିତ ମହାରାଜା ବୀରବିକ୍ରମ କଲେଜ ଷ୍ଟାଡିୟମରେ ଶୁକ୍ରବାରଠାରୁ ଚଳିତ ରଣଜୀ ସିଜନର ୪ର୍ଥ ମ୍ୟାଚ୍ ଖେଳିବ ଓଡ଼ିଶା। ଘରୋଇ ତ୍ରିପୁରା ବିପକ୍ଷରେ ହେବାକୁ ଥିବା ଏହି ମ୍ୟାଚ୍‌କୁ ଜିତି ଓଡ଼ିଶା ଦଳ ସିଜନରେ ବିଜୟ ଅଭିଯାନ ଅବ୍ୟାହତ ରଖିବା ଲକ୍ଷ୍ୟରେ ରହିଛି। ଏବେ ସୁଦ୍ଧା ୩ଟି ଯାକ ମ୍ୟାଚ ବିଜୟୀ ହୋଇ ଓଡ଼ିଶା ଏଲିଟ ଗ୍ରୁପ୍–ସି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି। ବିପକ୍ଷ ତ୍ରିପୁରା ଚଳିତ ସିଜନରେ ଏବେ ସୁଦ୍ଧା ଗୋଟିଏ ବି ମ୍ୟାଚ୍ ଜିତି ନ ପାରି ପଏଣ୍ଟ ଟେବୁଲର ୯ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଅଗରତାଲାର ଏହି ଗ୍ରାଉଣ୍ଡରେ ସ୍ପିନ୍ ବୋଲରଙ୍କୁ ସୁହାଇବ ବୋଲି ପୂର୍ବାନୁମାନ କରାଯାଉଛି। ଏଣୁ ଦଳ ସ୍ପିନରଙ୍କ ଉପରେ ଭରସା କରି ମ୍ୟାଚ୍‌କୁ ଓହ୍ଲାଇବ।

ଗତ ୩ଟି ଯାକ ମ୍ୟାଚରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନ ଥିବା ବାମହାତୀ ସ୍ପିନର ପପୁ ରାୟ ଦଳରେ ସାମିଲହେବା ସମ୍ଭାବନା ଅଧିକ। ଏହାଛଡ଼ା ଗୋବିନ୍ଦ ପୋଦ୍ଦାର, ଅଭିଷେକ ରାଉତଙ୍କ ସମେତ ଶାନ୍ତନୁ ମିଶ୍ର ଓଡ଼ିଶାର ସ୍ପିନ୍ ଆକ୍ରମଣ ସମ୍ଭାଳିବେ ବୋଲି ଆଶା କରାଯାଉଛି। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଗତ ୩ଟି ଯାକ ମ୍ୟାଚ୍‌ରେ ପେସ୍ ବୋଲରଙ୍କ ସଫଳତା ଯୋଗୁ ବିଜୟ ହାସଲ କରିବାରେ ସମର୍ଥ ହୋଇଛି। ୪ର୍ଥ ମୁକାବିଲାରେ ଦଳକୁ ସ୍ପିନରଙ୍କ ସହାୟତା ଆବଶ୍ୟକ ରହିଥିବା ଜଣାପଡ଼ିଛି। ଅନୁରାଗ ଷଡ଼ଙ୍ଗୀ ଆହତ ହୋଇ ଦଳରୁ ବାଦ୍ ପଡ଼ିବା ପରେ ତାଙ୍କ ସ୍ଥାନରେ ଦଳକୁ ଫେରିଥିବା ରଣଜିତ ସିଂଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯିବା ସମ୍ଭାବନା ଅଛି। ଦୁଇ ଓପନର ସନ୍ଦୀପ ପଟ୍ଟନାୟକ ଓ ଅନୁରାଗ ଆହତଜନିତ ସମସ୍ୟା ଯୋଗୁ ଦଳଠାରୁ ଦୂରେଇ ରହିଛନ୍ତି। ପୂର୍ବତନ ଅଧିନାୟକ ଗୋବିନ୍ଦ ବାଧହୋଇ ଗତ ଉତ୍ତରାଖଣ୍ଡ ବିପକ୍ଷ ମ୍ୟାଚ୍‌ରେ ଓପନିଂ ଦାୟିତ୍ୱ ସମ୍ଭାଳିଥିଲେ। ଅନ୍ୟତମ ଓପନର ଶାନ୍ତନୁ ମିଶ୍ର ଏହି ମ୍ୟାଚ୍‌ରେ ଶତକୀୟ ଇନିଂସ ଖେଳି ଦଳକୁ ଜିତାଇବା ସହ ମ୍ୟାନ୍ ଅଫ ଦି ମ୍ୟାଚ୍ ମଧ୍ୟ ହୋଇଥିଲେ । ଏଣୁ ତ୍ରିପୁରା ବିପକ୍ଷ ମ୍ୟାଚ୍‌ରେ ଓପନିଂ ଯୋଡ଼ି ଅପରିବର୍ତ୍ତିତ ରହିବ ବୋଲି ବିଶେଷ ସୂତ୍ରରୁ ଖବର ମିଳିଛି।



### ବାରବାଟୀ ମ୍ୟାଚ୍ ଡ୍ରିମ୍‌ସକୁ ସ୍ଥାନାନ୍ତର

ଆସନ୍ତା ୨୭ ତାରିଖରେ ବାରବାଟୀରେ ଓଡ଼ିଶା–ଆସାମ ରଣଜୀ ଟ୍ରଫି ମ୍ୟାଚ ଖେଳାଯିବ ବୋଲି ନିର୍ଦ୍ଧାରଣ କରାଯାଇଥିଲା। ଏହି ମ୍ୟାଚ୍‌କୁ ଡ୍ରିମ୍‌ସ ଗ୍ରାଉଣ୍ଡକୁ ସ୍ଥାନାନ୍ତର କରାଯିବ ବୋଲି ଜଣାପଡ଼ିଛି। ଜାନୁୟାରୀ ୨୬ରେ ବାରବାଟୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ କାର୍ଯ୍ୟକ୍ରମ ରହିଥିବାରୁ ଗ୍ରାଉଣ୍ଡ ଉପରେ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ମ୍ୟାଚ୍ ସ୍ଥାନାନ୍ତର ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଚେଷ୍ଟା କରୁଛି। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସହ ଓସିଏ ପକ୍ଷରୁ ଆଲୋଚନା କରାଯାଇଛି।

### ଓଡ଼ିଶା ପଲା ଭାରି

ଓଡ଼ିଶା ଓ ତ୍ରିପୁରା ମଧ୍ୟରେ ଖେଳାଯାଇଥିବା ଗତ ୪ଟି ଯାକ ମ୍ୟାଚ୍‌ରେ ତ୍ରିପୁରାକୁ ବିଜୟ ମିଳିପାରିନାହିଁ । ୨ଟି ମ୍ୟାଚ୍ ଅମୀମାଂସିତ ଥିବା ବେଳେ ଓଡ଼ିଶା ୨ଟିରେ ବିଜୟୀ ହୋଇଛି। ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ପାଣିପାଗ ଓ ପିଚ୍ ସ୍ପିନ୍ ବୋଲିଂକୁ ସୁହାଇବ। ଏହି ପିଚ୍‌ରେ ଅଧିକ ରନ୍ ସଂଗ୍ରହ କରିବାର ସୁଯୋଗ ମଧ୍ୟ ଅଛି। ଦଳ ଭଲ ପ୍ରଦର୍ଶନ ନିଶ୍ଚିତ ଭାବେ କରିବ ବୋଲି ଅଧିନାୟକ ସେନାପତି କହିଛନ୍ତି।

ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି(ଅଧିନାୟକ), ବିପ୍ଳବ ସାମନ୍ତରାୟ(ଉପ ଅଧିନାୟକ), ଗୋବିନ୍ଦ ପୋଦ୍ଦାର, ଦେବାଶିଷ ସାମନ୍ତରାୟ, ରଣଜିତ ସିଂ, ଅଭିଷେକ ରାଉତ, ଶାନ୍ତନୁ ମିଶ୍ର, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୁଜିତ ଲେଙ୍କା(ଉଇକେଟ କିପର), ରାଜେଶ ଧୂପର(ଉଇକେଟ କିପର), ଅଙ୍କିତ ଯାଦବ, ପପୁ ରାୟ। ରଶ୍ମିରଞ୍ଜନ ପରିଡ଼ା କୋଚ୍, ଶୁଭକାନ୍ତ ସାହୁ ଫିଜିଓ, ମନୋଜ କୁମାର ବିଶ୍ୱାଳ ଟ୍ରେନର।

# ଆଜି ବାରବାଟୀରେ ଭାରତ ‘ଏ’, ‘ବି’ର ଅଭ୍ୟାସ

**ମହିଳା ଚ୍ୟାଲେଞ୍ଜର ଟ୍ରଫି**

କଟକ ଅଫିସ,୨।୧

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି ଆସନ୍ତା ୪ରୁ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ୯ ତାରିଖ ପର୍ଯ୍ୟନ୍ତ ଭାରତ–ଏ, ଭାରତ–ବି ଓ ଭାରତ–ସି ମଧ୍ୟରେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ରହିଥିବା ବେଳେ ୧୦ରେ ଫାଇନାଲ ମୁକାବିଲା ହେବ। ସମସ୍ତ ଦଳର ଖେଳାଳି ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି। ଶୁକ୍ରବାର ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଇଣ୍ଡିଆ–ଏ ଦଳ ଓ ସ୍ମୃତି ମାନ୍ଧାନାଙ୍କ ନେତୃତ୍ୱାଧୀନ ଇଣ୍ଡିଆ–ବି ଦଳ ଅଭ୍ୟାସକୁ ଆସିବେ। ସକାଳ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଉଭୟ ଦଳର ଅଭ୍ୟାସ ସମୟ ଧାର୍ଯ୍ୟ କରାଯାଇଛି। ବାରବାଟୀରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦୁଇ ଓଡ଼ିଆ ଖେଳାଳି ଦେଖିବାକୁ ମିଳିବେ। ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ଓ ମାଧୁରୀ ମେହେଟ୍ଟା ଯଥାକ୍ରମେ ଇଣ୍ଡିଆ ‘ବି’ ଓ ‘ସି’ ଦଳରେ ରହିଛନ୍ତି। ୪ରେ ଏ ଓ ବି ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳାଯିବ। ୫ ତାରିଖରେ ଇଣ୍ଡିଆ ବି ଓ ସି ମଧ୍ୟରେ ମ୍ୟାଚ୍ ରହିଛି। ପ୍ରତ୍ୟେକ ମ୍ୟାଚ୍ ସକାଳ ୧୧ଟାରୁ ଦିନ ୧.୪୫ ପର୍ଯ୍ୟନ୍ତ ଖେଳାଯିବ।

ଭାରତ–ଏ ଦଳ: ହରମନପ୍ରୀତ କୌର(ଅଧିନାୟିକା), ତାନିଆ ଭାଟିଆ(ଉଇକେଟ କିପର), ଜେସିଆ ଅଖ୍ତାର(ଉଇକେଟ କିପର), ପ୍ରିୟା ପୁନିଆ, ଦୀପ୍ତି ଶର୍ମା, ଦେବିକା ବୈଦ୍ୟ, ସ୍ନେହ ରାଣା, ମାନସୀ ଜୋଷୀ, ମେଘନା ସିଂ, ଜେ. କୋମଲ, ମିନୁ ମାନି, ରାଧା ଯାଦବ, ଭାରତ ଫୁଲମଲି।

ଭାରତ–ବି ଦଳ: ସ୍ମୃତି ମାନ୍ଧାନା(ଅଧିନାୟିକା), ସୁଷମା ବର୍ମା(ଉଇକେଟ କିପର), ଆର୍. କଳ୍ପନା(ଉଇକେଟ କିପର), ଭି.ଆର୍. ଭନିଥା, ଜେମିହା ରୋଡ୍ରିଗୁଏଜ, ଅନୁଜା ପାଟିଲ, ପୁନମ ଯାଦବ, ପୂଜା ବସ୍ତ୍ରକାର, ଶିଖା ପାଣ୍ଡେ, ରେଣୁକା ସିଂ, ଅଞ୍ଜଳି ଶ୍ରାବଣୀ, ସୁଶ୍ରୀ ଦିବ୍ୟଦର୍ଶିନୀ, ଟି.ପି . କନୱାର, ରିଚା ଘୋଷ।

## ୩ ଫୁଟବଲ ପ୍ରଶଂସକ ଗିରଫ

ଲଣ୍ଡନ,୨।୧(ଏପି)

ପ୍ରିମିୟର ଲିଗ୍ ମ୍ୟାଚ୍‌ବେଳେ ଚେଲସି ଖେଳାଳିଙ୍କ ପ୍ରତି ବର୍ଣ୍ଣବୈଷମ୍ୟ ଭେଦଭାବ କରିଥିବା ଜଣେ ବ୍ରାଇଟନ ପ୍ରଶଂସକଙ୍କୁ ଗିରଫ କରାଯାଇଛି। ସମାନ ମ୍ୟାଚ୍‌ରେ ସମ୍ଲିଙ୍ଗୀ ଭେଦଭାବ କରିଥିବା ଆଉ ଦୁଇ ଜଣ ପ୍ରଶଂସକ ମଧ୍ୟ ଗିରଫ ହୋଇଛନ୍ତି। ବ୍ରାଇଟନ ମୁଖ୍ୟ କାର୍ଯ୍ୟକାରୀ ପଲ ବାରବର ଏହାର ନିନ୍ଦା କରିବା ସହ ଫୁଟବଲ ପ୍ରଶଂସକଙ୍କୁ ଷ୍ଟାଡିୟମରେ କିଛି ଭୁଲ ହେଉଥିଲେ ସୂଚନା ଦେବା ପାଇଁ କହିଛନ୍ତି। ଏମାନଙ୍କ ଯୋଗୁ ଫୁଟବଲ କ୍ରୀଡ଼ାର ସମ୍ମାନହାନି ହେଉଛି। ସେମାନଙ୍କୁ ଫୁଟବଲ ଦେଖିବାରୁ ଆଜୀବନ ବାସନ୍ଦ କରାଯାଇପାରିବ। କିନ୍ତୁ ଏହା ବଡ଼ ଦଣ୍ଡ ନୁହେଁ। ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ଲାଗି ନ୍ୟାୟପାଳିକାକୁ ଅଧିକାର ଦେବା ଦରକାର କି ନାହିଁ ବୋଲି ପ୍ରଶ୍ନ ପଚାରିଛନ୍ତି।

# ଅନ୍ତର୍ଜାତୀୟ ଗ୍ରାପ୍‌ଲିଂ ପାଇଁ ଓଡ଼ିଶା ଦଳ



ଅନ୍ତର୍ଜାତୀୟ ଗ୍ରାପ୍‌ଲିଂ ପାଇଁ ମନୋନୀତ ଓଡ଼ିଶା ଦଳ।

ଭୁବନେଶ୍ୱର,୨।୧(ସ୍ପୋର୍ଟ୍ସ ବ୍ୟୁରୋ)

ଦିଲ୍ଲୀର ତାଲକେଟରା ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ୩ୟ ଓପନ ଅନ୍ତର୍ଜାତୀୟ ଗ୍ରାପ୍‌ଲିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ୭ ଜଣ ଭାଗନେବେ। ପ୍ରତିଯୋଗୀମାନେ ହେଲେ ଉମାମହେଶ୍ୱର ରେଡ୍ଡୀ, ମୋନାଲି ସାହୁ, ଅନୁଷ୍କା ପ୍ରିୟଦର୍ଶିନୀ, ମଧୁପ୍ରିୟା ବାଇ, ଶୁଭକାନ୍ତ ବିଶ୍ୱାଳ, ରଶ୍ମି ରଞ୍ଜନ ଓ ଅକ୍ଷୟ ମାହାଲିକ। ଏମାନଙ୍କ ସଫଳତା ପାଇଁ ଓଡ଼ିଶା ଗ୍ରାପଲିଂ ସଂଘ ଓ ଉତ୍କଳ କରାଟେ ସ୍କୁଲର କର୍ମକର୍ତ୍ତାମାନେ ଶୁଭକାମନା ଦେଇଛନ୍ତି।

## ଏନ୍‌ସିଏରେ ସୁଧାର ଯୋଜନା

ନୂଆଦିଲ୍ଲୀ,୨।୧(ପି.ଟି.)– ଖେଳାଳିଙ୍କ ଇଞ୍ଜୁରି ତଥା ଆଘାତ ସମସ୍ୟାର ସମାଧାନ ନେଇ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ବେଶ୍ ସମାଲୋଚିତ ହୋଇ ଆସୁଛି। ଏବେ ଏନ୍‌ସିଏର ସାମଗ୍ରିକ ସୁଧାର ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଯୋଜନା ହାତକୁ ନେଇଛି। ଏଥିପାଇଁ ବିସିସିଆଇ ମେଡିକାଲ ପ୍ୟାନେଲର ସାହାଯ୍ୟ ନେବ। କେବଳ ସେତିକି ନୁହଁ ସୋସିଆଲ ମିଡିଆର ବିଶେଷଜ୍ଞ ତଥା ଏକ୍ସପର୍ଟଙ୍କ ମଧ୍ୟ ସହାୟତା ନିଆଯିବ ବୋଲି ବୋର୍ଡ ତରଫରୁ କୁହାଯାଇଛି।

କିଛିଦିନ ତଳେ ଏନସିଏର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ସୌରଭ ଗାଙ୍ଗୁଲି, ଏନସିଏ ମୁଖ୍ୟ ରାହୁଲ ଦ୍ରାବିଡ୍‌ଙ୍କ ସମେତ ବିସିସିଆଇର ଅନ୍ୟ ପଦାଧିକାରୀମାନେ ଯୋଗ ଦେଇଥିଲେ ଓ ସୁଧାର ପାଇଁ ଏହି ନିଷ୍ପତ୍ତି ନିଆଯାଇଥିଲା। ଇଞ୍ଜୁରି ମ୍ୟାନେଜ୍‌ମେଣ୍ଟରେ ଏନ୍‌ସିଏର ଭୂମିକାକୁ ନେଇ କଡ଼ା ସମାଲୋଚନା କରାଯାଇଥିଲା। ଋଦ୍ଧିମାନ ଶାହ ଓ ଭୁବନେଶ୍ୱର କୁମାରଙ୍କ ଇଞ୍ଜୁରି ସମସ୍ୟା ଏନ୍‌ସିଏର ବିଫଳତାକୁ ପଦାରେ ପକାଇଥିଲା। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଇଞ୍ଜୁରି ପାଇଁ ଏନ୍‌ସିଏ ବଦଳରେ ବ୍ୟକ୍ତିଗତ ରିହାବିଲିଟେଶନର ବ୍ୟବସ୍ଥା କରିଥିଲେ। ମେଡିକାଲ ପ୍ୟାନେଲ ଗଠନ ପାଇଁ ବିସିସିଆଇ ଏବେ ଲଣ୍ଡନ ସ୍ଥିତ କ୍ଲିନିକ ଫର୍ଟିୟୁସ ସହ ଯୋଗାଯୋଗ କରିବ ବୋଲି ବୋର୍ଡର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଦୀର୍ଘଦିନ ଧରି ଦ୍ରୁତ ବୋଲିଂର ମୁଖ୍ୟ ପଦ ଫାଙ୍କା ପଡିଥିଲା। ଏବେ ଏହି ପଦର ନିଯୁକ୍ତି କରାଯିବ। ଏଥିସହିତ ଜଣେ ନିଉଟ୍ରିଶନ ହେଡ୍‌ଙ୍କୁ ମଧ୍ୟ ନିଯୁକ୍ତ କରାଯିବ।

# ପ୍ରଥମ ଟି୨୦: ଗୁଆହାଟୀରେ ପହଞ୍ଚିଲା ଶ୍ରୀଲଙ୍କା ଦଳ

ଗୁଆହାଟୀ,୨।୧(ପି.ଟି.)

ଅଭିଜ୍ଞ ଦ୍ରୁତ ବୋଲର ଲସିଥ୍ ମାଲିଙ୍ଗାଙ୍କ ନେତୃତ୍ୱରେ ଭାରତ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍ ଖେଳିବାକୁ ଶ୍ରୀଲଙ୍କା ଦଳ ଗୁଆହାଟୀରେ ପହଞ୍ଚିଛି। ଆସନ୍ତା ରବିବାର ସ୍ଥାନୀୟ ବର୍ସପାରା କ୍ରିକେଟ ଷ୍ଟାଡିୟମରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ନାଗରିକତ୍ୱ ଆଇନ୍ (ସିଏଏ) ବିରୋଧରେ ଆସାମରେ ପ୍ରଥମେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେଣୁ କଡ଼ା ନରାପତ୍ତା ବ୍ୟବସ୍ଥାରେ ଶ୍ରୀଲଙ୍କା ଦଳକୁ ଟିମ୍ ହୋଟେଲକୁ ନିଆଯାଇଛି। ଶୁକ୍ରବାର ଭାରତୀୟ କ୍ରିକେଟ ଦଳର ଖେଳାଳିମାନେ ପର୍ଯ୍ୟାୟକ୍ରମେ ଏଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଉଭୟ ଦଳ ଅଭ୍ୟାସ କରିବାର କାର୍ଯକ୍ରମ ରହିଛି। ଶ୍ରୀଲଙ୍କା ପରେ ଭାରତ ଅଭ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଆସାମ କ୍ରିକେଟ ଆସୋସିଏଶନ (ଏସିଏ) ତରଫରୁ କୁହାଯାଇଛି।

ଗତ ଡିସେମ୍ବରରେ ସିଏଏ ବିରୋଧରେ ସାରା ଆସାମରେ ବିରୋଧ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହା ଦ୍ୱାରା ରଣଜୀ ଓ ୧୯ ବର୍ଷରୁ କମ୍ ମ୍ୟାଚ୍ କର୍ଫ୍ୟୁ ଯୋଗୁ ପ୍ରଭାବିତ ହୋଇଥିଲା। ତେବେ ବର୍ତ୍ତମାନ ପରସ୍ଥିତି ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣାଧୀନ ହେବା ସହ ସାମାନ୍ୟ ରହିଛି। ପର୍ଯ୍ୟଟନ ବ୍ୟବସ୍ଥା ମଧ୍ୟ ପୂର୍ବାବସ୍ଥାକୁ ଫେରିଛି। ଆସନ୍ତା ୧୦ ତାରିଖରୁ ଏଠାରେ ଖେଲୋ ଇଣ୍ଡିଆ ଗେମ୍ସ ଆରମ୍ଭ ହେବ। ଏଥିରେ ୭ ହଜାର ପିଲା ଅଂଶଗ୍ରହଣ କରିବେ ବୋଲି ଏସିଏ ସମ୍ପାଦକ ଦେବଜିତ୍ ସାଇକିଆ କହିଛନ୍ତି। ଦେଶର ଅନ୍ୟ ସ୍ଥାନ ଭଳି ଏବେ ଆସାମ ସମ୍ପୂର୍ଣ୍ଣ ସୁରକ୍ଷିତ ସ୍ଥାନରେ ପରିଣତ ହୋଇଛି। ରାଜ୍ୟ ସରକାର ନିରାପତ୍ତା ବ୍ୟବସ୍ଥାର ତଦାରଖ କରୁଛନ୍ତି ବୋଲି ସେ କହିଛନ୍ତି। ୩୯,୫୦୦ ଦର୍ଶକ କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମର ୨୭,୦୦୦ ଟିକେଟ ଏପର୍ଯ୍ୟନ୍ତ ବିକ୍ରି ହୋଇସାରିଛି। କ୍ରିସ୍‌ମାସ ଓ ନୂଆବର୍ଷ ପାଳନ କରୁଥିବାରୁ ଶେଷ ମୁହୂର୍ତ୍ତରେ ସବୁ ଟିକେଟ ବିକ୍ରି ହୋଇଯିବ ବୋଲି ସାଇକିଆ କହିଛନ୍ତି। ଆଗକୁ ଚଳିତବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବ। ଏହି ସିରିଜ ସହିତ ବିଶ୍ୱକପ୍ କାଉଣ୍ଟ ଡାଉନ ଆରମ୍ଭ ହୋଇଛି ବୋଲି ଧରିନେବାକୁ ହେବ। ବିଶ୍ୱକପ୍ ପୂର୍ବରୁ ଭାରତ ୮ଟି ଟି୨୦ ମ୍ୟାଚ୍ ଖେଳିବ। ନ୍ୟୁଜିଲାଣ୍ଡରେ ଭାରତ ୫ଟି ମ୍ୟାଚ୍ ଖେଳିବ। ଅକ୍ଟୋବର ୨୪ ତାରିଖରେ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରୁ ଅଭିଯାନ ଆରମ୍ଭ କରିବ।

ପୂର୍ବତନ ଅଧିନାୟକ ଆଞ୍ଜେଲୋ ମାଥ୍ୟୁସ ଓ ଧନଞ୍ଜୟ ଡି ସିଲଭା ଘୋଷିତ ୧୬ ଜଣିଆ ଶ୍ରୀଲଙ୍କା ଦଳରେ ସ୍ଥାନ ପାଇଛନ୍ତି। ୨୦୧୮ରେ ମାଥ୍ୟୁସ୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅନ୍ତିମ ଟି୨୦ ମ୍ୟାଚ୍ ଖେଳିଥିଲେ। ଅପରପକ୍ଷରେ ଭାରତ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମରା ଓ ଅଭିଜ୍ଞ ଓପନର ଶିଖର ଧାୱନ ଇଞ୍ଜୁରୀ ମୁକ୍ତ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ସିରିଜରୁ ଓପନର ରୋହିତ ଶର୍ମା ଓ ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ବିଶ୍ରାମ ଦିଆଯାଇଛି।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ମିନତୀ ବାରିକ୍ (ମିନା)
ସ୍ୱାମୀ: ନିତ୍ୟାନନ୍ଦ ବାରିକ୍
ପଳାଶୁଣୀ, ଭୁବନେଶ୍ୱର
ଆବିର୍ଭାବ: ୦୭।୦୫।୧୯୬୩
ତିରୋଧାନ: ୨୪।୧୨।୨୦୧୯
ତୁମର ଆକସ୍ମିକ ତିରୋଧାନରେ ଆମେ ସମସ୍ତେ ମର୍ମାହତ। ତୁମେ ଆମ୍ଭମାନଙ୍କୁ ଶୋକ ସାଗରରେ ଛାଡ଼ି ଚାଲିଗଲ। ଆମେ ସମସ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣରେ ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପିଙ୍କୁ, ରିଙ୍କୁ, ଡିଜି ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ–୧୫୯୫୫

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପ୍ରଭାତ କୁମାର ମିଶ୍ର (ଆଇନଜୀବୀ)
ବ୍ରହ୍ମେଶ୍ୱର ପାଟଣା, ବ୍ୟାଙ୍କ କଲୋନୀ, ଟଙ୍କପାଣି ରୋଡ଼
ଆବିର୍ଭାବ: ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ(ଜନ୍ମାଷ୍ଟମୀ)
ତିରୋଧାନ: ପୌଷ ଶୁକ୍ଳପକ୍ଷ ଅଷ୍ଟମୀ
“ତୁମେ ଚାଲିଗଲ ଆମକୁ ଏକା ଓ ନିଃସ୍ୱ କରିଦେଇ। ତୁମର ସେ ଆତ୍ମୀୟତା, ସ୍ନେହଭରା ଡାକକୁ ତୁମ ଝିଅମାନେ ଝୁରି ହେଉଛନ୍ତି। ‘ନନା’ ଶବ୍ଦ ‘ନନା’ ଡାକ ତାଙ୍କ ପାଇଁ ଶୂନ୍ୟ ହୋଇଗଲା। ତୁମ ଆଶୀର୍ବାଦ ତାଙ୍କ ଉପରେ ସବୁବେଳେ ଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଇତି:
ତୁମର ହତଭାଗିନୀ ସ୍ତ୍ରୀ, ଦୁଇଝିଅ– ରିତୁ, ଶୃତି।
ଧ–୬୩୯୭୦

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ହେମଲତା ମହାନ୍ତି
ଆବିର୍ଭାବ: ୦୩.୧୦.୧୯୫୨
ତିରୋଧାନ: ୨୪.୧୨.୨୦୧୯
ତୁମେ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଓ ଅହ୍ୟ ସୁଲକ୍ଷଣୀ ହୋଇ ବୈକୁଣ୍ଠ ପାରି ହୋଇଗଲ, ଯାହା ଶ୍ରୀଜଗନ୍ନାଥ, ସଦଗୁରୁ ମାନଙ୍କ ଅପାର କରୁଣାଥିଲା। ତୁମର ଅବର୍ତ୍ତମାନରେ ସେହି ଆଦର୍ଶ, ନିଷ୍ଠା, ନିଷ୍କପଟତା, ଅନାବିଳ ସ୍ନେହ, ନିଃସ୍ୱାର୍ଥଭାବ ଗୋଟିଏ ପରିବାରକୁ ବାନ୍ଧି ରଖିବାର କୌଶଳ ଶିଖାଇଲ ତାହା ଆମ୍ଭମାନଙ୍କ ପାଇଁ ଆଲୋକ ବର୍ତ୍ତିକା ଏବଂ ପଥ ପ୍ରଦର୍ଶକ ହେଉ।
ତୁମର ଆଶୀର୍ବାଦର ହାତ ବୈକୁଣ୍ଠ ପୁରୀରୁ ଆମ୍ଭମାନଙ୍କ ପାଇଁ ସଦାସର୍ବଦା ରହିଥାଉ।
ହତଭାଗ୍ୟ ସ୍ୱାମୀ ଡା. ଦୁର୍ଗାପ୍ରସାଦ ମହାନ୍ତି ତଥା ଶୋକସନ୍ତପ୍ତ ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ–୧୬୦୦୫

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**



୰ବାନାମ୍ବର ସୁବୁଦ୍ଧି
ତମାଣ୍ଡୋ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତି ହେଉ। ସ୍ୱର୍ଗବାସ ଶାନ୍ତିପ୍ରଦ ହେଉ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
-: ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ :-
ଜଟଣୀ ଅଞ୍ଚଳବାସୀ ଓ ସୁବୁଦ୍ଧି ପରିବାରବର୍ଗ
ଧ–୬୦୯୫୬

## CLASSIFIED DISPLAY

**ST. XAVIER HIGH SCHOOL**
Kamalpur, Maindipur, Jagatsinghpur
UDISE NO.21110206173

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଶିକ୍ଷା ବର୍ଷ ୨୦୨୦-୨୧ ପାଇଁ ଆମ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଚାହୁଁଥିବା ଅଭିଭାବକ ତା.୧୩।୦୧।୨୦୨୦ରିଖଠାରୁ ବିଦ୍ୟାଳୟ ସମୟ ମଧ୍ୟରେ ଆବେଦନ ପତ୍ର ନେଇ ୨୮।୦୨।୨୦୨୦ ମଧ୍ୟରେ ଆବେଦନ କରି ପାରିବେ।
ସରକାରଙ୍କ ଶିକ୍ଷା ଅଧିକାର ଅଧିନିୟମ ଅନୁଯାୟୀ ପ୍ରଥମ ଶ୍ରେଣୀରେ ୨୫% ମାଗଣା ନାମ ଲେଖା SC, ST, BPL ଏବଂ Job Card ଶ୍ରେଣୀୟ ଛାତ୍ର ଛାତ୍ରୀମାନଙ୍କ ନିମନ୍ତେ ଏହା ଉଦ୍ଦିଷ୍ଟ।
ନାମଲେଖା ଆରମ୍ଭ - ୦୫।୦୩।୨୦୨୦
ସବିଶେଷ ବିବରଣୀ ଜାଣିବା ନିମନ୍ତେ ଯୋଗାଯୋଗ କରନ୍ତୁ
Principal, St. Xavier High School, kamalpur, Maindipur, Jagatsinghpur
Contact No.: 9437506854




SUITING • SHIRTING • DRESS MATERIAL • MATCHING • LEGGINGS • SALWAR SUIT
KURTI • DUPATTA • COMBO • FURNISHING • UNIFORM FABRIC
NARULA CLOTH HOUSE TEXTILES
Hall No - 6, Market Building, Bhubaneswar, Ph: 0674 2530199

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଭାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9650446732 9990987786



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶୁକ୍ରବାର, ଜାନୁୟାରୀ ୩/୨୦୨୦ Balasore, Friday, January 3/2020

## ସଂକ୍ଷେପରେ

### ଅଟକ ସିଇଓଙ୍କୁ ଉଦ୍ଧାରକଲା ପୋଲିସ

**ତିହିଡ଼ି,୨।୧(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ମୁକୁନ୍ଦପୁର ପଞ୍ଚାୟତ ଆରସା ଗ୍ରାମର କେତେଜଣ ଚାଷୀ ଗୁରୁବାର ରାତିରେ ସିଇଓ(ସମବାୟ ସମ୍ପ୍ରସାରଣ ଅଧିକାରୀ)ଙ୍କୁ ଅଟକ ରଖିଥିଲେ। ସ୍ଥାନୀୟ ସମବାୟ ସମିତିକୁ ସିଇଓ ଯାଉଥିବାବେଳେ ଧାନକିଣାକୁ ନେଇ ଗ୍ରାମର ଜଣେ ଚାଷୀଙ୍କ ସହ ଯୁକ୍ତିତର୍କ ହୋଇ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାକୁ କେନ୍ଦ୍ରକରି କେତେଜଣ ଚାଷୀ ମିଶି ସିଇଓଙ୍କୁ ଏକ ଘର ଭିତରେ ପୂରାଇ ଅଟକ ରଖିଥିଲେ। ଖବର ପାଇ ତିହିଡ଼ି ଥାନା ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଛି। ଏ ସମ୍ପର୍କରେ ସିଇଓ ସଞ୍ଜୟ କୁମାର ଦାସ ତିହିଡ଼ି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି।

### ପୋଖରୀରେ ବୁଡ଼ି ଶିଶୁ ମୃତ

**ବସ୍ତା, ୨।୧(ସ୍ୱ.ପ୍ର.):** ସିଂଲା ଥାନା ଅନ୍ତର୍ଗତ ସାର୍ଥା ବିନ୍ଧା ଗ୍ରାମର ଆନନ୍ଦ ମଣ୍ଡଳଙ୍କ ୭ବର୍ଷର ପୁଅ ପ୍ରଦୀପ ପୋଖରୀରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ପରିବାର ଲୋକେ ତାଙ୍କୁ ଏଣେତେଣେ ଖୋଜି ନ ପାଇବାରୁ ପୋଖରୀରେ ଜାଲ ପକାଇଥିଲେ। ପରେ ତାଙ୍କୁ ପୋଖରୀ ମଧ୍ୟରୁ ଉଦ୍ଧାର କରାଯାଇ ବସ୍ତା ଡାକ୍ତରଖାନାକୁ ଅଣାଯାଇଥିଲା। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଗୁରୁବାର ଶବ ବ୍ୟବଚ୍ଛେଦ କରିଛି।

### ଝାଡ଼ାବାନ୍ତିର ଆକ୍ରାନ୍ତଙ୍କ ସଂଖ୍ୟା ୮କୁ ବୃଦ୍ଧି

**ପାଟଣା, ୨।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ସାହାରପଡା ବ୍ଲକର ଏକ ଆଶ୍ରମ ବିଦ୍ୟାଳୟରେ ଝାଡା ବାନ୍ତିରେ ଶିକାର ହୋଇଥିବା ଆକ୍ରାନ୍ତ ଛାତ୍ରୀଙ୍କ ସଂଖ୍ୟା ଗୁରୁବାର ୮କୁ ବୃଦ୍ଧି ପାଇଛି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଏନେଇ ନୀରବ ଦ୍ରଷ୍ଟା ସାଜିଥିବା କଥା ଶୁଣିବାକୁ ମିଳୁଛି। ୨୦୦ ଶଯ୍ୟା ବିଶିଷ୍ଟ ଏହି ଛାତ୍ରାବାସରେ ଝାଡା ବାନ୍ତିରେ ଆକ୍ରାନ୍ତ ହୋଇ ବୁଧବାର ଜଣେ ୫ମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳ ଆଉ ୫ଜଣ ଛାତ୍ରୀ ଅସୁସ୍ଥ ଅବସ୍ଥାରେ ହଷ୍ଟେଲରେ ଅଛନ୍ତି। ଅଧିକ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ତିନି ଜଣ ଛାତ୍ରୀଙ୍କୁ ଗୁରୁବାର କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବିଦ୍ୟାଳୟର ଅସ୍ୱାସ୍ଥ୍ୟକର ପରିବେଶ ସହ ବାସୀ ଖାଦ୍ୟ ଯୋଗୁ ଛାତ୍ରୀ ଅସୁସ୍ଥ ହୋଇଥିବା ଅଭିଯୋଗ ହୋଇଛି। ସମଗ୍ର ଘଟଣାକୁ ଲୁଚାଇ ରଖିବାକୁ ବିଭାଗୀୟ କର୍ତ୍ତୃପକ୍ଷ ଗୁରୁବାର ମଧ ଗଣ ମାଧମ ପ୍ରତିନିଧିଙ୍କୁ ବିଦ୍ୟାଳୟ ପରିସରକୁ ଛାଡି ନଥିଲେ। ଏଣୁ ଏହିଘଟଣାରେ ଖୋଦ ଜିଲାପାଳ ହସ୍ତକ୍ଷେପ କରି ତଦନ୍ତ କରିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀଙ୍କ ତରଫରୁ ଦାବି ହେଉଛି।



ବଣପାରିଆ ଗାଁ ପୋଖରୀରେ ବିଦେଶାଗତ ପକ୍ଷୀ।

# ବଣପାରିଆ ଗାଁ ପୋଖରୀରେ ବିଦେଶୀ ପକ୍ଷୀ

**ଖଇରା, ୨।୧(ଡି.ଏନ.ଏ)**

ବାଲେଶ୍ୱର ଜିଲା ଖଇରା ବ୍ଲକ ସୋର-କୁପାରୀ ରାସ୍ତାର ଅନତିଦୂରରେ ଥିବା ବଣପାରିଆ ପୋଖରୀକୁ ବିଦେଶୀ ପକ୍ଷୀଙ୍କ ଆଗମନ ପରିବେଶକୁ ଆକର୍ଷଣୀୟ କରିଛି। ପ୍ରତିବର୍ଷ ଶୀତଋତୁ ହେଲେ ଏହି ପୋଖରୀକୁ ଦଳ ଦଳ ହୋଇ ଏହି ପକ୍ଷୀମାନେ ଖାଦ୍ୟ ଅନ୍ୱେଷଣ ସହ ତଥା ଅଣ୍ଡା ଦେବା ପାଇଁ ଆସିଥାନ୍ତି। କେହି କେହି ଏହାକୁ ସାଇବେରିଆନ ପକ୍ଷୀ ବୋଲି କହିଥାନ୍ତି। ଅଣ୍ଡାରୁ ଛୁଆ ଫୁଟି ବଡ ହେବା ପରେ ପକ୍ଷୀମାନେ ଉଡି ତାଙ୍କ ପୂର୍ବସ୍ଥାନକୁ ପଳାଇଯାଇଥାନ୍ତି। ତେବେ ଏହି ସ୍ଥାନ ନୂତନ ପକ୍ଷୀ ପାଇଁ ଧୀରେ ଧୀରେ ଅସୁରକ୍ଷିତ ହୋଇପଡିଥିବାରୁ ପରିବେଶବିତ୍ ତଥା ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତୁରନ୍ତ ସେମାନଙ୍କ ସୁରକ୍ଷା ପାଇଁ ସରକାର ଧ୍ୟାନ ଦେବା ଦରକାର ବୋଲି ଏହି ଗ୍ରାମର ବାସିନ୍ଦା ତଥା ନଛିପୁର ହାଇସ୍କୁଲର ପ୍ରଧାନଶିକ୍ଷକ ରାମଚନ୍ଦ୍ର ପତ୍ରୀ କହିଛନ୍ତି। ଏହି ବିଦେଶାଗତ ପକ୍ଷୀଗୁଡିକ ଡିସେମ୍ବରରୁ ଆସି ମାର୍ଚ୍ଚରୁ ଏପ୍ରିଲ ପର୍ଯ୍ୟନ୍ତ ରହିଥାନ୍ତି। ସେଠିକାର ପିଲାମାନେ ଢେଲା, ପଥର ଫୋପାଡି ସେମାନଙ୍କ ଚଳାଚଳରେ ବାଧା ଦେଇଥାନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ଏହାକୁ ଗୁରୁତର ସହ ବିଚାର କରି କିଭଳି ସର୍ବସାଧାରଣଙ୍କ ନିମନ୍ତେ ସଚେତନ ଫଳକ ଲଗାଯାଇପାରିବ ଏବଂ ପକ୍ଷୀମାନଙ୍କୁ କ୍ଷତି ପହଞ୍ଚାଉଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ସେଥିପ୍ରତି ଧ୍ୟାନ ଦେବା ଦରକାର ବୋଲି ଗ୍ରାମର ଭାଗୀରଥି ପାଢୀ କହିଛନ୍ତି। ଏ ସମ୍ପର୍କରେ କୁପାରୀ ଫରେଷ୍ଟର କିଶୋର ଚନ୍ଦ୍ର ଭୂୟାଁଙ୍କ ମତାମତ ନେବାରେ ଏଥିଲାଗି ଜଣେ ଗାର୍ଡଙ୍କୁ ମୁତୟନ କରାଯିବା ତଥା ସଚେତନତାଫଳକ ଲଗାଇବାକୁ ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି।

## ଗେଷ୍ଟ ହାଉସରୁ ମିଳିଲା ମୃତଦେହ

**ଭଦ୍ରକ ଅଫିସ, ୨।୧**

ଭଦ୍ରକ ଜିଲା ଆରଡ଼ି ଛକ ନିକଟସ୍ଥ ଏକ ଗେଷ୍ଟ ହାଉସରୁ ଗୁରୁବାର ପୂର୍ବାହ୍ନରେ ଘରୋଇ କମ୍ପାନୀର ଜଣେ ସୁପରଭାଇଜରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଖୋର୍ଦ୍ଧା ଅଞ୍ଚଳର ଦେବୀପ୍ରସାଦ ଚମ୍ପତିରାୟ(୨୨) ବୋଲି ଜଣାପଡ଼ିଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ମୃତଦେହ ଜବତକରି ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୧/୨୦) ରୁଜୁକରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ଦେବୀପ୍ରସାଦ ଦୀର୍ଘଦିନ ଧରି ଭଦ୍ରକ ଜିଲା ପାଇଁ ଉକ୍ତ କମ୍ପାନୀରେ ସୁପରଭାଇଜର ଭାବେ କାମ କରୁଥିଲେ। ଗୁରୁବାର ସକାଳେ ସେ ରହୁଥିବା ଗୃହର କବାଟ ଖୋଲି ନ ଥିଲେ। ସନ୍ଦେହ ହେବାରୁ ତାଙ୍କ ସହଯୋଗୀମାନେ କବାଟ ତାଡ଼ି ସେ ବେଡ୍‌ରେ ପଡ଼ିଥିବା ଅବସ୍ଥାରେ ଦେଖିଥିଲେ।

ତାଙ୍କୁ ତୁରନ୍ତ ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଆବାସ ଯୋଜନାରେ ଅନିୟମିତତା

# କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସୁପାରିସ

**ପଦ୍ମପୁର,୨।୧(ଡି.ଏନ୍.ଏ.)**

ବାସୁଦେବପୁର ବ୍ଲକ ରାଜଘରପୋଖରୀ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ କ୍ଷେତ୍ରୀୟ ତଦନ୍ତ ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରହ୍ଲାଦ ରଣା, ଦେବେନ୍ଦ୍ର ପାଣ୍ଡବ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରତିକାନ୍ତ ମହନ୍ତ ଓ ଭାରପ୍ରାପ୍ତ ବିଡିଓ ବିଶ୍ୱନାଥ ବିଶ୍ୱାଳ ପ୍ରମୁଖ ଗତ ଡିସେମ୍ବର ୪ ତାରିଖରେ ରାଜଘରପୋଖରୀକୁ ଯାଇଥିଲେ। ପଞ୍ଚାୟତର ୨୦ଜଣ ହିତାଧିକାରୀଙ୍କ ଘର ବୁଲି କାର୍ଯ୍ୟ ଦେଖିବା ସହ ଅନିୟମିତତାର ତଦନ୍ତକରି ଫେରିଥିଲେ। ଏହାମଧ୍ୟରେ ୨୯ ଦିନ ବିତିଯାଇଥିଲେ ମଧ ତଦନ୍ତ ରିପୋର୍ଟ ବିଷୟରେ କୌଣସି ସୂଚନା ମିଳିପାରି ନ ଥିଲା। ଅନିୟମିତତା ଫାଇଲ ତଳେ ଚାପି ରହିଯିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବିଡିଓ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରୁ ସେ ତାଲିମରେ ଥିବାରୁ ତାଙ୍କ ପାଖରେ କୌଣସି ସୂଚନା ନ ଥିବା କହିଥିଲେ। ଗୁରୁବାର ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିଥିବା ବେଳେ ଏଥିରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସୁପାରିସ କରିଥିବା ସୂଚନା ଦେଇଛନ୍ତି। ଅପରପକ୍ଷେ ଗ୍ରାମର ଅଭିଯୋଗକାରୀ ହିତାଧିକାରୀମାନଙ୍କ ଅଭିଯୋଗକ୍ରମେ ଲୋକାୟୁକ୍ତର ଅତିରିକ୍ତ ସଚିବ ଚିଠି ନଂ. ୬୩୯୬ ତା ୨୦।୧୨।୧୯ ରିଖରେ ମାମଲା ରୁଜୁକରି ଆସନ୍ତା ୧୭ ତାରିଖଠାରୁ ଶୁଣାଣି କରିବା ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ନିର୍ଦ୍ଦିଷ୍ଟ ତାରିଖରେ ଅଭିଯୋଗକାରୀ ଉପସ୍ଥିତ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ସିଲିଣ୍ଡରରୁ ଗ୍ୟାସ୍ ଚୋରି: ଭିଡିଓ ଭାଇରାଲ୍ ପରେ ତଦନ୍ତ ଆରମ୍ଭ

**ବାଲେଶ୍ୱର ଅଫିସ, ୨।୧**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଗଡୁପାହି ଗ୍ରାମରେ ଥିବା ଗ୍ରାମୀଣ ଗ୍ୟାସ୍ ବିତରଣ କେନ୍ଦ୍ରରେ ଗ୍ୟାସ୍ ସିଲିଣ୍ଡରରୁ ଗ୍ୟାସ୍ ଚୋରି କରାଯାଉଛି। ଏନେଇ ଏକ ଭିଡ଼ିଓ ଭାଇରାଲ୍ ହେବା ପରେ ଘଟଣା ପଦାକୁ ଆସିଛି। ଏହାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଗ୍ରାମୀଣ ଗ୍ୟାସ୍ ବିତରଣ କେନ୍ଦ୍ରକୁ କମ୍ପାନୀରୁ ସିଲ୍ ହୋଇ ଆସୁଥିବା ପ୍ରତି ଗ୍ୟାସ୍ ସିଲିଣ୍ଡର (୧୪କେଜି)ରୁ ୨କେଜି ଗ୍ୟାସ୍ ବାହାର କରାଯାଇ ଗ୍ରାହକମାନଙ୍କୁ ଅଭିନବ ଉପାୟରେ ଦୀର୍ଘଦିନ ଧରି ଠକି ଆସୁଥିବା ବିତରଣ କେନ୍ଦ୍ରର କର୍ମଚାରୀଙ୍କ ଗୁମର କଥା ଭାଇରାଲ୍ ଭିଡ଼ିଓରୁ ସ୍ପଷ୍ଟ ହୋଇଛି। ଭାଇରାଲ ଭିଡ଼ିଓ ସମ୍ପୃକ୍ତ ଗ୍ୟାସ୍ କମ୍ପାନୀ ନିକଟରେ ପହଞ୍ଚିବା ପରେ କର୍ତ୍ତୃପକ୍ଷ ବିତରଣ କେନ୍ଦ୍ରରେ ପହଞ୍ଚି ତଦନ୍ତ କରିଛନ୍ତି।

ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ କହିଛନ୍ତି, ଜଣେ ବିଧାୟକ ନିଜ ନାମରେ ଥିବା ଗ୍ୟାସ୍ ବିତରଣ କେନ୍ଦ୍ରରେ ଚୋରି କରାଯାଉଥିବା କାର୍ଯ୍ୟ ଦୁର୍ଭାଗ୍ୟଜନକ। ପ୍ରଶାସନ ଏହାର ସଠିକ୍ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଏହାକୁ ନେଇ ଆନ୍ଦୋଳନ କରାଯିବ।

ଗ୍ରାମୀଣ ଗ୍ୟାସ୍ ବିତରଣ କେନ୍ଦ୍ରର ବିତରକ ତଥା ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା କହିଛନ୍ତି, ଏହି ଅଭିଯୋଗ ମିଥ୍ୟା ଓ ରାଜନୈତିକ ଶତ୍ରୁତା ଦୃଷ୍ଟିରୁ ଭିଜୁଆଲକୁ କେହି ଏଡ଼ିଟ୍ କରି ଭାଇରାଲ୍ କରିଛନ୍ତି। ସମସ୍ତ ଗ୍ରାହକଙ୍କୁ ଆମ୍ଭେ ଓଜନ କରି ସିଲିଣ୍ଡର ଦେଇଥାଉ।

ଗ୍ୟାସ କମ୍ପାନୀର ସିନିୟର ମ୍ୟାନେଜର ରଞ୍ଜିତ ଦାସ ଏହି ଭିଜୁଆଲ ପାଇବା ପରେ ଉକ୍ତ ବିତରଣ କେନ୍ଦ୍ରରେ ପହଞ୍ଚି ତଦନ୍ତ କରିଛନ୍ତି। ପ୍ରାଥମିକ ତଦନ୍ତରେ ସତ୍ୟତା ଥିବାର ପ୍ରକାଶ କରିଥିବା ବେଳେ କମ୍ପାନୀରୁ ସିଲ୍ ହୋଇ ଆସୁଥିବା ସିଲିଣ୍ଡରରୁ ଗ୍ୟାସ୍ ବାହାର କଲେ ତାହା ଏକ ଅପରାଧ ବୋଲି କହିଥିଲେ।

## ସାହି ଭାଇ ଆସିଲେନି, ୨ ଦିନ ଘରେ ପଡ଼ି ରହିଲା ମୃତଦେହ

# ପ୍ରଶାସନର ହସ୍ତକ୍ଷେପ ପରେ ହେଲା ଅନ୍ତିମ ସତ୍କାର

**ବଡ଼ସାହି,୨।୧(ସ୍ୱ.ପ୍ର)**

ଧର୍ମ ପରିବର୍ତ୍ତନ କରିଥିଲେ ବୋଲି ସାହିଭାଇ ମୃତଦେହ ଉଠାଇବାକୁ ଆସିଲେନି। ୨ ଦିନ ଘର ଭିତରେ ପଡ଼ି ରହିଲା ମୃତଦେହ। ଶେଷରେ ପ୍ରଶାସନର ହସ୍ତକ୍ଷେପ ପରେ ସତ୍କାର କରାଗଲା। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଭୀମଦା ପଞ୍ଚାୟତର ମଙ୍ଗଳପୁର ଗ୍ରାମରେ। ସୂଚନା ଅନୁଯାୟୀ, ଗ୍ରାମର ସୁରେଶ ସିଂ(୩୫)ଙ୍କର ବୁଧବାର ରାତିରେ ମୃତ୍ୟୁ ଘଟିଥିଲା। ସେ ଧର୍ମ ପରିବର୍ତ୍ତନ କରିଥିବା ନେଇ ପଡୋଶୀମାନେ ତାଙ୍କ ମୃତଦେହ ସତ୍କାର ପାଇଁ ନେଇ ନ ଥିଲେ। ଏ ସମ୍ପର୍କରେ ବିଡିଓ ଦିଲ୍ଲୀପ କୁମାର ମହାରଣାଙ୍କୁ ଖବର ଦିଆଯିବାରୁ ତାଙ୍କ ନିର୍ଦ୍ଦେଶ କ୍ରମେ ଭୀମଦା ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚ ଓ ନାଏବ ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାରୁ ଅନ୍ତିମ ସତ୍କାର ପାଇଁ ୨ହଜାର ଟଙ୍କା ପ୍ରଦାନ କରିଥିଲେ। ଗ୍ରାମବାସୀଙ୍କ ସହିତ ଆଲୋଚନା ପରେ ମୃତକଙ୍କ ଅନ୍ତିମ ସତ୍କାର ସମ୍ପନ୍ନ ହୋଇଥିଲା। ତେବେ ମୃତକଙ୍କ ୫ ଓ ୩ ବର୍ଷର ଦୁଇ ଅନାଥ ଶିଶୁଙ୍କ ଭବିଷ୍ୟତ ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ନିରଞ୍ଜନ ପଲେଇ, ରାଧାକୃଷ୍ଣ ପାତ୍ର, ଗଙ୍ଗାଧର ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

# ଗାଁ ରାସ୍ତା ନିର୍ମାଣ କଲେ ଲୋକେ

**ଜଳେଶ୍ୱର, ୨।୧(ସ୍ୱ.ପ୍ର.)**

ଜଳେଶ୍ୱର ପୌରପରିଷଦ ଅନ୍ତର୍ଗତ ୯ନଂ. ୱାର୍ଡ ଶାନ୍ତିଆ ଗ୍ରାମବାସୀ ନିଜ ପାଇଁ ରାସ୍ତା ତିଆରି କରି ଉଦାହରଣ ସୃଷ୍ଟି କରିଛନ୍ତି। ଗ୍ରାମକୁ ରାସ୍ତା ତିଆରି ପାଇଁ ଗ୍ରାମକମିଟି ମୁଖ୍ୟ ସିତାଂଶୁ ସେନାପତି ଓ ଗ୍ରାମର କେତେଜଣ ବୟୋଜ୍ୟେଷ୍ଠ ବ୍ୟକ୍ତି ୩ବର୍ଷ ତଳେ ଉଦ୍ୟମ ଆରମ୍ଭ କରିଥିଲେ। ନେସ୍କୋର ପୂର୍ବତନ ନିର୍ବାହୀ ଅଧିକାରୀ ଇଂ. ଅକ୍ଷୟ କୁମାର କରଙ୍କ ଆର୍ଥିକ ସହଯୋଗ ଓ ଜମିଦାନ କରିବା ପରେ ରାସ୍ତା ନିର୍ମାଣ ଆରମ୍ଭ କରାଯାଇଥିଲା। ପୂର୍ବତନ ନଗରପାଳ ପ୍ରବୀର କୁମାର ପ୍ରଧାନ ନିଜ ଜମି ଦାନ କରିବା ପରେ ଗ୍ରାମବାସୀ ରାସ୍ତା ନିର୍ମାଣ କରିବାକୁ ସକ୍ଷମ ହୋଇଥିଲେ। ନବବର୍ଷ ଅବସରରେ ଏକ ବିଶାଳ ଶୋଭାଯାତ୍ରା ଚଣ୍ଡୀମନ୍ଦିରଠାରୁ ବାହାରି ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ସ୍ଥାନରେ ପହଞ୍ଚିବା ପରେ ଇଂ. ଅକ୍ଷୟ କୁମାର କର ଫିତାକାଟି ଏହି ରାସ୍ତାକୁ ଲୋକାର୍ପିତ କରିଥିଲେ। ଏହି ଅବସରରେ ଗ୍ରାମ୍ୟମୁଖ୍ୟ ସୀତାଂଶୁ ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଂ ଅକ୍ଷୟ କୁମାର କର ମୁଖ୍ୟଅତିଥି, ପ୍ରବୀର କୁମାର ପ୍ରଧାନ, ସମାଜସେବୀ ଅରୁଣ କୁମାର ବେଜ, ଭୂପତି ଅଣ୍ଡିଆ, କାର୍ତ୍ତିକ ଚନ୍ଦ୍ର ଗିରି, ଚିତ୍ତରଞ୍ଜନ ସାହୁ, ପୌରନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ବିନା ସରକାରୀ ଅନୁଦାନରେ ଗ୍ରାମବାସୀଙ୍କ ସମୂହ ଶ୍ରମ ଓ ଅର୍ଥ ବିନିଯୋଗରେ ଏପରି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ନିତ୍ୟାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ନୂତନ ରାସ୍ତା ଲୋକାର୍ପିତ।

# ବାରିପଦା ହାଟରୁ ସାମୁଦ୍ରିକ ଜୀବ ଉଦ୍ଧାର, ଜଣେ ଗିରଫ

**ବାରିପଦା ଅଫିସ,୨।୧**

ମୟୂରଭଞ୍ଜ ଜିଲା ବାରିପଦା ଷ୍ଟେସନ ବଜାର ସ୍ଥିତ ସାପ୍ତାହିକ ହାଟରୁ ଗୁରୁବାର ବନ ବିଭାଗ ପକ୍ଷରୁ ୧୪ଟି ସାମୁଦ୍ରିକ କଙ୍କଡା ପ୍ରଜାତିର ଜୀବ ଉଦ୍ଧାର ହୋଇଛି। ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ବିଭାଗ ଗିରଫ କରିଛି।

ସୂଚନା ଅନୁଯାୟୀ, ଷ୍ଟେସନ ବଜାର ସାପ୍ତାହିକ ହାଟରେ ସୁନିଲ ବିଶ୍ୱାସ ନାମକ ଜଣେ ଯୁବକ ସାମୁଦ୍ରିକ ଜୀବ ବିକ୍ରୟ କରୁଥିବା ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟଙ୍କ ନିକଟରେ କୌଣସି ସୂତ୍ରରୁ ଖବର ପହଞ୍ଚିଥିଲା। ସେ ତୁରନ୍ତ ବନ ବିଭାଗକୁ ଖବର ଦେଇଥିଲେ। ପରେ ଆଚାର୍ଯ୍ୟଙ୍କ ନେତୃତ୍ୱରେ ରେଞ୍ଜର ଲକ୍ଷ୍ମୀଧର ବେହେରା, ଫରେଷ୍ଟର ଏସଏନ ପାଲ, ରବୀନ୍ଦ୍ର କୁମାର ପୁହାଣ ଏବଂ ଫରେଷ୍ଟ ଗାର୍ଡ ଅନିଲ କୁମାର ମହାନ୍ତ ଓ କୃଷ୍ଣ ଚନ୍ଦ୍ର ଦେଙ୍କୁ ନେଇ ଏକ ଟିମ୍ ଗଠନ ହୋଇ ହାଟରେ ଚଢ଼ାଉ କରାଯାଇଥିଲା। ସେଠାରୁ ମୋଟ ୧୪ଟି ସାମଦ୍ରିକ ଜୀବ ଉଦ୍ଧାର ହୋଇଥିଲା। ସେଥିରୁ ୨ଟିର ମୃତ୍ୟୁ ଘଟିଥିବା ବେଳେ ୧୨ଟି ଜୀବିତ ଅଛନ୍ତି। ବନଖଣ୍ଡ ଅଧିକାରୀଙ୍କ ପରାମର୍ଶ ପରେ ଏହି ଜୀବକୁ ସୁରକ୍ଷିତ ଭାବେ ସମୁଦ୍ରରେ ଛାଡି ଦିଆଯିବ ବୋଲି ଜଣାପଡ଼ିଛି। ଗିରଫ ହୋଇଥିବା ସୁନିଲ ପଶ୍ଚିମବଙ୍ଗ ରାଜ୍ୟ ବର୍ଦ୍ଧମାନ ଅଞ୍ଚଳର ବୋଲି ଜଣାପଡିଛି। ତେବେ ଏହି ସାମୁଦ୍ରିକ ଜୀବ କେଉଁଠାରୁ ଏଠାକୁ ଆସିଛି ସେ ନେଇ ଅଧିକ ତଦନ୍ତ କରାଯାଉଥିବା ରେଞ୍ଜର ବେହେରା କହିଛନ୍ତି।



ଉଦ୍ଧାର ସାମୁଦ୍ରିକ ଜୀବ ଓ ଗିରଫ ଯୁବକ।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା ଘଟଣା

# ଜେଲ ଗଲେ ମହିଳାଙ୍କ ସମେତ ୩ ଅଭିଯୁକ୍ତ

**ଭଦ୍ରକ ଅଫିସ,୨।୧**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ବୁଧବାର ଭୋର ସମୟରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଜଳଙ୍ଗା ଗ୍ରାମର ସତ୍ୟବ୍ରତ ଶିଅଳ(୨୫)ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗୁରୁବାର ଜଣେ ମହିଳାଙ୍କ ସମେତ ଦୁଇଜଣଙ୍କୁ ପୋଲିସ ଗିରଫକରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଳଙ୍ଗା ଗ୍ରାମର ପ୍ରଶାନ୍ତ ବେହେରା, ତାଙ୍କ ବଡ଼ଭାଇ ସୁଶାନ୍ତ ବେହେରା ଓ ସୁଶାନ୍ତଙ୍କ ସ୍ତ୍ରୀ ମିତା ବେହେରା। ଏହି ୩ ଜଣ ସତ୍ୟବ୍ରତଙ୍କୁ ହତ୍ୟାକରି ମୃତଦେହ ବ୍ୟାଙ୍କ ସମ୍ମୁଖ ରାସ୍ତାକଡ଼ରେ ଫିଙ୍ଗିଦେଇଥିଲେ ବୋଲି ଏକ ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଇଛି।



ଗିରଫ ୩ ଅଭିଯୁକ୍ତ।

ପୋଲିସ ଏହି ସୂଚନା ଦେଇ କହିଛି ଯେ, ଗତ ମଙ୍ଗଳବାର ରାତିରେ ସତ୍ୟବ୍ରତ କେତେଜଣ ସାଙ୍ଗଙ୍କ ସହ ଜିରୋ ନାଇଟ୍ ଭୋଜି କରିଥିଲେ। ଭୋଜି ସାରି ରାତି ପ୍ରାୟ ୨ଟା ବେଳେ ଜଳଙ୍ଗା ଛକ ଦୋକାନକୁ ଶୋଇବାକୁ ଯାଉଥିବା ବେଳେ ତାଙ୍କୁ ନିଜ ଘର ଛାତ ଉପରକୁ ଡାକି ନେଇଥିଲେ ପ୍ରଶାନ୍ତ। ସେଠାରେ ସତ୍ୟବ୍ରତଙ୍କ ସହ ପ୍ରଶାନ୍ତଙ୍କର ଠେଲାପେଲା ଓ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ସତ୍ୟବ୍ରତ ଛାତ ଉପରୁ ତଳକୁ ପଡ଼ିଯାଇଥିଲେ। ସତ୍ୟବ୍ରତ ମରିଯାଇଥିବା ଭାବି ପ୍ରଶାନ୍ତଙ୍କ ବଡ଼ଭାଇ ସୁଶାନ୍ତ ଓ ଭାଉଜ ମିତା ମିଶି ମୃତଦେହକୁ ଉଠାଇ ଆଣି ବ୍ୟାଙ୍କ ସମ୍ମୁଖ ରାସ୍ତାପାର୍ଶ୍ୱରେ ପକାଇ ଦେଇଥିଲେ ବୋଲି ପଚରାଉଚରା ବେଳେ କହିଛନ୍ତି। ଏହି ଘଟଣା ପଛରେ ଅନ୍ୟ କିଛି କାରଣ ରହିଥିବା ସନ୍ଦେହ ମଧ କରାଯାଉଛି। ଆବଶ୍ୟକ ପଡ଼ିଲେ ଗିରଫ ୩ ଜଣଙ୍କୁ ରିମାଣ୍ଡରେ ଆଣି ତଦନ୍ତ କରାଯିବ ବୋଲି ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡ଼ା ଓ ଏସ୍‌ଡିପିଓ ସୁନୀଲ ନନ୍ଦ ସୂଚନା ଦେଇଛନ୍ତି। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବା କୁହାଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ଓ ତଦନ୍ତ ଅଧିକାରୀ ଶୋଭନ କୁମାର ସ୍ୱାଇଁ ଉପସ୍ଥିତ ଥିଲେ।

## ଆପ୍ରୋନ ବାନ୍ଧି ଆତ୍ମହତ୍ୟା

**ବନ୍ତ,୨।୧(ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ଭଗାରାମ ଗ୍ରାମରେ ବି.ଏନ ପ୍ରଭାସିନୀ ଯେନା ନାମ୍ନୀ ଜଣେ କଲେଜ ଛାତ୍ରୀ ଗୁରୁବାର ସକାଳେ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ କୁହାଯାଇଛି। ସେ ନିଜ ଘର ଭିତରେ ବେକରେ ଆପ୍ରୋନ ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପରିବାର ଲୋକେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଗରପଡ଼ା ଥାନା ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ.୧/୨୦) ରୁଜୁ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତଦନ୍ତ ପରେ ଆତ୍ମହତ୍ୟାର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ପୁଣି ଦବିଲା ଘସିପୁରା ଭିଆଇପି ରୋଡ୍

ଘସିପୁରା,୨।୧(ଡି.ଏନ.ଏ.)

ଆନନ୍ଦପୁର ସହରରେ ପୂର୍ତ୍ତ ବିଭାଗ ପକ୍ଷରୁ ନବନିର୍ମିତ ଖପରାଖାଇ-ଘସିପୁରା ଭିଆଇପି ରୋଡ୍ ବୈତରଣୀ ଡଙ୍ଗାଘାଟ ନିକଟରେ ପୁଣି ଥରେ ଦବିଯାଇଛି। ଦବିଯିବା କାରଣରୁ ରାସ୍ତା ମଧ୍ୟଭାଗ ତଳେ ଯାଇଥିବା ଜନସ୍ୱାସ୍ଥ୍ୟ ଜଳ ଯୋଗାଣ(ପିଏଚଡି) ବିଭାଗର ବହୁ ପାଇପ ଫାଟିଯାଇଛି। ଫଳରେ ବୁଧବାରଠାରୁ ହଠାତ ପିଚୁ ରାସ୍ତାରୁ ପାଣି ସୁଅ ବାହାରିଥିଲା। ଗୁରୁବାର ପିଏଚ୍‌ଡି ଯନ୍ତ୍ରୀଙ୍କ ଉପସ୍ଥିତିରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଏହି ନବ ନିର୍ମିତ ରାସ୍ତାର ମଧ୍ୟଭାଗକୁ ପ୍ରାୟ ୫ଫୁଟ ଗଭୀର ଗାତ ଖୋଳାଯାଇ ପାଇପ ମରାମତି ଚାଲିଛି। ପାଣି ପାଇପ ଫାଟିଥିବାରୁ ବିଭିନ୍ନ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ଠପ୍ ହୋଇଛି। ସେପଟେ ରାସ୍ତାରେ ଗାଡ଼ ଖୋଳାହୋଇଥିବାରୁ ଭିଆଇପି ରୋଡ୍‌ର ଗୋଟିଏ ପାର୍ଶ୍ୱରେ ଯାତାୟାତ ବନ୍ଦ ରହିଛି। ଗତକିଛି ଦିନ ତଳେ ଜଅଁରା ଓ ତାହା ପୂର୍ବରୁ ସେହି ଡଙ୍ଗାଘାଟ ନିକଟରେ ଦୁଇ ଥର ରାସ୍ତାଦବି ସମାନ ପରିସ୍ଥିତି ଉପୁଜିବା ଘଟଣା ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତାକୁ ପଦାରେ ପକାଇଛି।

ମିଳିଥିବା ସୂଚନାନୁଯାୟୀ, ଆନନ୍ଦପୁର ସହରର ସୌନ୍ଦର୍ଯ୍ୟକରଣ ନିମନ୍ତେ ପୂର୍ତ୍ତ ବିଭାଗ ପକ୍ଷରୁ ଖପରାଖାଇ-ଘସିପୁରା ଭିଆଇପି ରୋଡ୍ ନିର୍ମାଣ କରାଗଲା। ନିର୍ମାଣ ଶେଷକୁ ବର୍ଷେ ନ ପୂରୁଣୁ ଏହି ରାସ୍ତା ନିର୍ମାଣରେ ହୋଇଥିବା ବ୍ୟାପକ ଅନିୟମିତତା ଦେଖାଦେଇଛି। ଗତ ତିନି ମାସ ମଧ୍ୟରେ ଏହି ଭିଆଇପି ରୋଡ୍ ପୃଥକ ପୃଥକ ସ୍ଥାନରେ ପ୍ରାୟ ୫ଥର ଦବି ଯାଇଥିବା ଦେଖାଯାଇଛି। ଏହିକ୍ରମରେ ଗୁରୁବାର ପୁଣି ଥରେ ଡଙ୍ଗାଘାଟ ନିକଟରେ ରାସ୍ତା ଦବି ଯାଇଛି। ରାସ୍ତା ଦବିବା କାରଣରୁ ତଳେ ଯାଇଥିବା ପାନୀୟଜଳ ଯୋଗାଣ ପାଇପ ଫାଟି ଯାଇଛି। ଏହି ଘଟଣା ପରେ ପୂର୍ତ୍ତ ଓ ପିଏଚଡି ବିଭାଗ ପକ୍ଷରୁ ତରବରିଆ ଭାବେ ତାଳିପକା ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଅପରପକ୍ଷେ ଏ ନେଇ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସମୀର ଅଧିକାରୀଙ୍କୁ ପଚାରିବାରୁ ପାନୀୟଜଳ ପାଇପ ନିର୍ମାଣ ପରେ ଯୁଦ୍ଧକାଳୀନ ସମୟରେ ରାସ୍ତାର ମରାମତି କରିଦିଆଯିବ ବୋଲି କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ କି, ଏହି ଭିଆଇପି ରୋଡ୍‌ରେ ବ୍ୟାପକ ଅନିୟମିତତା ନେଇ ପୂର୍ବରୁ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏ ନେଇ ଏକ ମାମଲା ମଧ୍ୟ ହାଇକୋର୍ଟରେ ବିଚାରାଧୀନ ରହିଛି।


ଭିଆଇପି ରୋଡର ମରାମତି ଆରମ୍ଭ ହେଉଛି।

## ସଂକ୍ଷେପରେ

### ସନ୍ଦିପଙ୍କୁ ଡକ୍ଟରେଟ ଉପାଧି



କେନ୍ଦୁଝର, ୨।୧(ଡି.ଏନ.ଏ.)-ରାଜ୍ୟର ତଥା କେନ୍ଦୁଝର ଡେଭେଲପମେଣ୍ଟ କାଉନସିଲର ପ୍ରତିଷ୍ଠାତା ସନ୍ଦିପ ପଟ୍ଟନାୟକଙ୍କୁ ଜର୍ମାନସ୍ଥିତ ଆନ୍ତର୍ଜାତିକ ଶାନ୍ତି ବିଶ୍ୱବିଦ୍ୟାଳୟ(ଇଣ୍ଟରନ୍ୟାଶନାଲ ପିସ୍ ୟୁନିଭରସିଟି) ତରଫରୁ ସମାଜସେବାରେ ଉଲ୍ଲେଖନୀୟ ଅବଦାନ ଲାଗି ସମର୍ଥ ଓଡିଶା ତରଫରୁ ଭୁବନେଶ୍ୱର ଇଡକଲ ଅଡିଟୋରୟମଠାରେ 'ଡକ୍ଟରେଟ' ଉପାଧିରେ ଭୂଷିତ କରାଯାଇଛି। ସନ୍ଦିପ ବହୁ ସମ୍ମାନ ଜନକ ଉପାଧିରେ ପୁରସ୍କୃତ ହୋଇଛନ୍ତି। ପ୍ରକୃତିବନ୍ଧୁ, ରାଜ୍ୟ ସରକାର ଗ୍ରୀନ ୱାରିୟର, ହିନ୍ଦ ଗୌରବ ପରି ସଂସ୍ଥାମାନେ ତାଙ୍କୁ ସମ୍ମାନିତ କରି କେନ୍ଦୁଝରର ଗୌରବ ରଖି ପାରିଛନ୍ତି। ସେ ବର୍ତ୍ତମାନର ଶିଶୁ ବିକାଶ ସମିତି କେନ୍ଦୁଝରର ସକ୍ରିୟ ସଦସ୍ୟ ତଥା ବହୁ ସାମାଜିକ ଅନୁଷ୍ଠାନ ସହ ବିକାଶମୂଳକ କାର୍ଯ୍ୟରେ ଜଡିତ ଅଛନ୍ତି। କେନ୍ଦୁଝରର ପର୍ଯ୍ୟଟନ ବିକାଶରେ ତଥା ସାନଘାଗରାର ଉନ୍ନତିକରଣରେ ପଟ୍ଟନାୟକଙ୍କ ପ୍ରମୁଖ ଭୂମିକା ରହିଛି। ଏହି ଡକ୍ଟରେଟ ଉପାଧି ଲାଗି ସେ ଜିଲାବାସୀଙ୍କୁ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ତାଙ୍କର ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ ମତ ଦେଇଥିବାବେଳେ ବହୁ ସାମାଜିକ କର୍ମୀ ତଥା ସଚେତନ ନାଗରିକ ଏହାକୁ ସ୍ୱାଗତ କରିଛନ୍ତି।

### ପାଟଣା କଲେଜରେ କ୍ୟାଣ୍ଟିନ, ଶୌଚାଳୟ ଉଦ୍‌ଘାଟିତ

ପାଟଣା,୨।୧(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ନିଜସ୍ୱ ପାଣ୍ଠିରୁ ଗୁରୁବାର କ୍ୟାଣ୍ଟିନ ଓ ଛାତ୍ରୀ ମାନଙ୍କ ସକାଶେ ଏକ ଶୌଚାଳୟ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗ ଦେଇ କ୍ୟାଣ୍ଟିନ ଓ ଶୌଚାଳୟ କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ଇଂ ବିଦ୍ୟାଧର ଦାଶ, ମହାବିଦ୍ୟାଳୟ ଅଧକ୍ଷା ଜ୍ୟୋସ୍ନା ମଞ୍ଜରୀ ତ୍ରିପାଠୀ, କ୍ରୀଡା ଶିକ୍ଷକ ଧର୍ମେନ୍ଦ୍ର କୁମାର ସାହୁ ,ଜୟନ୍ତ କୁମାର ଦ୍ୱିବେଦୀ,ରଜତ କୁମାର ଦାଶ ଓ ବଜେନ୍ଦ୍ର ପତି ପ୍ରମୁଖ ଯୋଗ ଦେଇଥିଲେ।

### ପ୍ଲାଷ୍ଟିକମୁକ୍ତ ଲାଗି ସଚେତନତା ଅଭିଯାନ

ହାଟଡିହୀ,୨।୧(ଡି.ଏନ୍.ଏ.)-କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଇଞ୍ଚୋଳ ବିକାଶ ମଞ୍ଚ ପକ୍ଷରୁ ଏକ ଦ୍ୱିଚକ୍ରିକା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପ୍ଲାଷ୍ଟିକ ମୁକ୍ତ ଇଞ୍ଚୋଳ ଓ ସଚେତନତା ବାର୍ତ୍ତା ପ୍ରଦାନ ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚନ୍ଦନ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ପ୍ରେସ୍ କ୍ଲବ ସଭାପତି ଗୋପାଳ ରାଉତ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇଞ୍ଚୋଳ ସରପଞ୍ଚ ପାର୍ବତୀ ନାଇକ, ଜ୍ୟୋତିର୍ବିଦ ଅନାଦି ଚରଣ ମହାରଣା ପ୍ରମୁଖ ଯୋଗଦେଇଥିଲେ।

# ବିଦ୍ୟୁତ୍ ସଂଯୋଗ ନ ହେବାରୁ ଗ୍ରାମବାସୀ ଉପଜିଲାପାଳଙ୍କ ଦ୍ୱାରସ୍ଥ

ଚମ୍ପୁଆ,୨।୧(ଡି.ଏନ.ଏ)

ଚମ୍ପୁଆ ବ୍ଲକ ଜାମୁଦଲକ ପଞ୍ଚାୟତ ହୁଡି ସାହି ଓ ସମା ସାହି ଖୁଣ୍ଟ, ତାର ଓ ଟ୍ରାନ୍ସଫର୍ମର ଲାଗିଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ ଦିଆଯାଉ ନଥିବାରୁ ସରପଞ୍ଚ ସମେତ ଗ୍ରାମବାସୀ ଚମ୍ପୁଆ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁସାରେ ହୁଡି ସାହି ଓ ସମା ସାହିଠାରେ ଆଦିବାସୀ ଓ ବିପିଏଲ ପରିବାରର ଲୋକମାନଙ୍କୁ ବିପିଏଲ ଇଲେକ୍ଟ୍ରି ସଂଯୋଗ ଯୋଗାଇ ଦେବା ପାଇଁ ପ୍ରାୟ ୩ ରୁ ୪ ମାସ ତଳେ ଉକ୍ତ ସାହିରେ ବିଦ୍ୟୁତ ଖୁଣ୍ଟ ପୋତା ହେବା ସହିତ ତାର ଟଣାଯାଇ ଟ୍ରାନ୍ସଫର୍ମର ବସି ସାରିଛି। ମାତ୍ର ସଂଯୋଗ ଦେବାରେ ବିଳମ୍ବ ହେବାରେ ଲାଗିଛି। ଅନ୍ୟପକ୍ଷରେ ଜାମୁଦଲକ ପଞ୍ଚାୟତର ଏହି ୨ ସାହି ହାତୀ ଉପଦ୍ରବର ପ୍ରମୁଖ ସ୍ଥାନ ପାଲଟିଥିବା ବେଳେ ଏଠାରେ ବିଦ୍ୟୁତ ସଂଯୋଗ ଅତି ଆବଶ୍ୟକ ହୋଇପଡିଛି। ସଂଯୋଗରେ ବିଳମ୍ବ ହେତୁ ଗ୍ରାମବାସୀ ଜିଲାପାଳଙ୍କୁ ୨୦୧୯ ମସିହା ନଭେମ୍ବର ୧୧ ତାରିଖରେ ଅଭିଯୋଗ କରିବା ପରେ ନେସ୍କୋ କର୍ତ୍ତୃପକ୍ଷ ୭ ରୁ ୧୦ ଦିନ ମଧ୍ୟରେ ସଂଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପ୍ରତିଶ୍ରୁତିଟି ପାଣିର ଗାର ଭଳି ମିଳେଇ ଯିବା ସହ ୪ ମସ ବିତି ଯାଇଥିଲେ ମଧ୍ୟ ବିଜୁଳି ଆଲୁଅ ଏମାନଙ୍କ ପାଇଁ ସ୍ୱପ୍ନ ପାଲିଟିଛି। ଏ ନେଇ ସରପଞ୍ଚ ରମେଶ ମୁଣ୍ଡାଙ୍କ ସମେତ ବହୁ ଗ୍ରାମବାସୀ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରତିମୟଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତୁରନ୍ତ ଏହି ସମସ୍ୟାକୁ ଅନୁଧ୍ୟାନ କରି କେଉଁ କାରଣରୁ ବିଦ୍ୟୁତ ସଂଯୋଗ ଦିଆଯାଇ ପାରୁନାହିଁ ସେ ବିଷୟରେ ଉପଜିଲାପାଳଙ୍କୁ ଅବଗତ କରିବା ପାଇଁ ବିଦ୍ୟୁତ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଛନ୍ତି।


ଉପଜିଲାପାଳଙ୍କୁ ଅଭିଯୋଗ କରୁଛନ୍ତି।

# ବିବେକାନନ୍ଦ ପାଠକ ମଞ୍ଚର ସ୍ୱନକ୍ଷତ୍ର ଉତ୍ସବ



ସ୍ୱନକ୍ଷତ୍ର ଉତ୍ସବରେ ଉପସ୍ଥିତ କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥି।

ହାଟଡିହୀ,୨।୧(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନୂଆରମ୍ପାସର ବିବେକାନନ୍ଦ ପାଠକ ମଞ୍ଚ ପକ୍ଷରୁ ପଞ୍ଚଦଶ ସ୍ୱନକ୍ଷତ୍ର ଉତ୍ସବ ସହିତ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ କୃତିତ୍ୱ ହାସଲକାରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଛି। ଗ୍ରାମାଞ୍ଚଳରେ ଶିଶୁମାନଙ୍କ ସୃଜନଶୀଳତା ତଥା ପଠନ ସ୍ପୃହାକୁ ବୃଦ୍ଧି କରିବା ପାଇଁ ପାଠକ ମଞ୍ଚ ଦୀର୍ଘ ୧୫ ବର୍ଷ ଧରି ନିରବଚ୍ଛିନ୍ନ କାର୍ଯ୍ୟ କରିଆସୁଛି। ଏହି ଉତ୍ସବରେ ଅନୁଷ୍ଠିତ ଶ୍ରେଷ୍ଠ ପାଠକ ଚୟନ ସାକ୍ଷାତକାର ପରୀକ୍ଷାରେ ପ୍ରଫେସର ଡଃ. ବ୍ରଜମୋହନ ମିଶ୍ର, ବରିଷ୍ଠ ଶିଶୁ ସାହିତ୍ୟିକ ଡଃ. ରାମଚନ୍ଦ୍ର ନାୟକ ବିଚାରକ ଦାୟିତ୍ୱରେ ରହିଥିଲେ। ଅଧ୍ୟାପକ ବିଭୁଦେନ୍ଦୁ ପ୍ରଧାନଙ୍କ ସଂଯୋଜନାରେ ଗଣ ପ୍ରଶ୍ନମଞ୍ଚ, ସୃଜନଝର ୨୦୧୯ ବିଜେତାମାନଙ୍କୁ ନେଇ ଅଧ୍ୟାପକ ସୁଶୀଳ ଶୁଭଦୀପ ନାୟକଙ୍କ ସଂଯୋଜନାରେ ଏକ ବିଶେଷ ଆସର ଅନୁଷ୍ଠିତ ହୋଇଥିଲା। ଏହି ଆସରରେ ସୃଜନଝର ବିଚାରକ ଖ୍ୟାତନାମା ଗାଳ୍ପିକ ତଥା ବ୍ୟଙ୍ଗକାର ଆର୍ଯ୍ୟ ଯଜ୍ଞଦତ, ସୁନାମଧନ୍ୟ କବି ଓ ଗାଳ୍ପିକ ଉମାକାନ୍ତ ରାଉତ, ପ୍ରତିଷ୍ଠିତ ଯୁବ ଗାଳ୍ପିକ ପ୍ରିୟଦର୍ଶୀ ଚକ୍ର, ଲୋକପ୍ରିୟ କବି ଚିତ୍ତରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପାଠକ ମଂଚର ବାର୍ଷିକ ଶୀତ ବିଶେଷାଙ୍କ ସର୍ଜନା ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ଅବସରପ୍ରାପ୍ତ ତିନି ଜଣ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ଜେନା, ପ୍ରଦ୍ୟୁମ୍ନ ଧଳ, ଶିକ୍ଷାଧିକାରୀ ବୈଷ୍ଣବ ଚରଣ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଶିଶୁ ସାହିତ୍ୟିକ ରାମଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଅଭିମନ୍ୟୁ ସାହୁ, ସଞ୍ଜୟ କୁମାର ବାରିକ, ସାରଦା ପ୍ରସନ୍ନ ଜେନା, ରତ୍ନାକର ରାଉଳ, ପିତାମ୍ବର ପାତ୍ର, ଖଗେଶ୍ୱର ଜେନା, ପିତାମ୍ବର ଆୟଚ, ରବୀନ୍ଦ୍ର କୁମାର ରାଉତ, ଭବାନିଶଙ୍କର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମଞ୍ଚ ତରଫରୁ ୨୦୧୯ ଶିକ୍ଷାବର୍ଷର ଦଶମ ଶ୍ରେଣୀର ସର୍ବୋଚ୍ଚ ନମ୍ବର ରଖିଥିବା ଜପିଦାସ ବିଦ୍ୟାମନ୍ଦିରର ବିଶ୍ୱଜିତ୍ ସ୍ୱାଇଁ, ଓଜେଇ ଲାଟେରାଲ ଏଣ୍ଟ୍ରି ଓଡିଶାର ଟପର ଭବାନିଶଙ୍କର ବେହେରାଙ୍କୁ ମାନପତ୍ର ଓ ଅର୍ଥରାଶି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପାଠକ ମଞ୍ଚ ତରଫରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିବେକାନନ୍ଦ ପାଠକ ମଞ୍ଚର ଆବାହକ ଅଧ୍ୟାପକ ରବୀନ୍ଦ୍ର କୁମାର ନାୟକ, ମଞ୍ଚର କର୍ମକର୍ତ୍ତା କେଶବ ଚନ୍ଦ୍ର ବେହେରା, ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବଜାର ଅଞ୍ଚଳ ରାସ୍ତା କାର୍ଯ୍ୟରେ ବିଳମ୍ବ

ତେଲକୋଇ, ୨।୧(ଡି.ଏନ.ଏ.)

ମୁଖ୍ୟାଳୟର ବଜାର ଅଞ୍ଚଳ ରାସ୍ତା ନିର୍ମାଣରେ ଅବହେଳା ଯୋଗୁଁ ଗୁରୁତର ବାଧା ସୃଷ୍ଟି ହୋଇଛି । ସେହିପରି ରାସ୍ତା ନିର୍ମାଣ ପାଇଁ ଡ୍ରେନ ଗୁଡିକ ମୁକୁଳା ଥିବା ଯୋଗୁଁ ପଥଚାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଏନେଇ ସରପଞ୍ଚ ଓ ଗ୍ରାମବାସୀ ପକ୍ଷରୁ ଜିଲାପାଳଙ୍କ ଠାରେ ତୁରନ୍ତ ରାସ୍ତା କାର୍ଯ୍ୟ ଶେଷ କରିବାକୁ ଦାବି ଜଣାଇଛନ୍ତି। ବଜାର ଛକ ଠାରୁ ବ୍ୟାଙ୍କ, ବାଳିକା ଉଚ୍ଚ ବିଦ୍ୟାଳୟ ,ସମବାୟ ସମିତି ଅଫିସ,ବସଷ୍ଟାଣ୍ଡ ପର୍ଯ୍ୟନ୍ତ କେବଳ ମେଟାଲ ପକାଇ ଠିକାଦାର କାଯ୍ୟରେ ବିଳମ୍ବ କରୁଥିବା ଦର୍ଶାଇଛନ୍ତି। ଏହି ରାସ୍ତା ଉପରେ ଦୈନିକ ହଜାର ସଂଖ୍ୟାରେ ଲୋକ ଯାତାୟାତ କରିଥାନ୍ତି। ତେବେ ରାସ୍ତା ନିର୍ମାଣ ଅବହେଳା ଓ ମେଟାଲ ଯୋଗୁ ଧୂଳିଧୂଆଁ ସାଙ୍ଗକୁ ମୁକୁଳା ଡ୍ରେନ ପଥଚାରୀଙ୍କ ପାଇଁ ସମସ୍ୟା ପାଲଟିଛି। ଏହି ବଜାର ଅଂଚଳରେ ରାସ୍ତା କାର୍ଯ୍ୟ କରାଯାଉ ନଥିବା ଯୋଗୁଁ ଅସନ୍ତୋଷ ସୃଷ୍ଟି ହେବାରେ ଲାଗିଛି । ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ପଞ୍ଚାନନ ଧରଣୀଆଙ୍କୁ ପଚାରିବାରୁ ବଜାର ଅଞ୍ଚଳ ଜବର ଦଖଲ ଯୋଗୁଁ ରାସ୍ତା ନିର୍ମାଣରେ ବିଳମ୍ବ ହୋଇଛି। ତେବେ ତୁରନ୍ତ ଏହାର କାର୍ଯ୍ୟ ଶେଷ କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ୧୯୮୬ ମାଟ୍ରିକ ବ୍ୟାଚ୍ ବନ୍ଧୁ ମିଳନ

ଢେଙ୍କିକୋଟ, ୨।୧(ଡି.ଏନ.ଏ.)

ବୁଧବାର ଥିଲା ଇଂରାଜୀ ନବବର୍ଷ। ଏହି ଅବସରରେ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠର ୧୯୮୬ ମସିହା ମାଟ୍ରିକ ବ୍ୟାଚ ସମସ୍ତ ଛାତ୍ରୀଛାତ୍ରଙ୍କୁ ସଂଗଠକ ନୀଳମଣି ମଣ୍ଡଳ ଏକ ବନ୍ଧୁମିଳନର ଆୟୋଜନ କରିଥିଲେ। ଢେଙ୍କିକୋଟ ଗ୍ରାମପଞ୍ଚାୟତ ଲଙ୍ଗଳକଣ୍ଟି ଗ୍ରାମରେ ଥିବା ବେଲପାହାଡ଼ରେ ଥିବା ବାବା ବେଲେଶ୍ୱରଙ୍କ ପାଦ ଦେଶରେ ବୋହି ଯାଉଥିବା ଡଙ୍ଗାଧର ନାଳର କୁଳୁ କୁଳ ଶବ୍ଦ ମନଲୋଭା ପାହାଡ଼ ତଳେ ଏକତ୍ରିତ ହୋଇଥିଲେ। ଉପଦେଷ୍ଟା ବନ୍ଧୁ ମାନସ ରଞ୍ଜନ ବେହେରା, ଏମ୍‌ଡି ମଇମୁର, ଇଂ. ମହେଶ୍ୱର ମହାନ୍ତଙ୍କ ତତ୍ତ୍ୱାବଧାନରେ ବନ୍ଧୁସଭା ପରିଚାଳନା ତରୁଲତା ମହାନ୍ତ ଏବଂ ପ୍ରଭାତ କୁମାର ପୃଷ୍ଟି କରିଥିଲେ। କ୍ଷେତ୍ରବାସୀ ମହାନ୍ତ, ଧ୍ରୁବେନ୍ଦ୍ର ସାହୁ ବନ୍ଧୁମାନଙ୍କୁ ଯୋଗାଯୋଗ କରିଥିଲେ। ୧୯୮୬ ବ୍ୟାଚର ୧୧୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୫ ଛାତ୍ରୀଛାତ୍ର ଏକତ୍ରିତ ହୋଇ ନିଜ ନିଜ ମଧ୍ୟରେ ସେମାନଙ୍କ ସୁଖଦୁଃଖ ସମ୍ପର୍କରେ ଆଲୋଚନା କରି ମନଭରା ଆନନ୍ଦ ମନାଇଥିଲେ। ଆନନ୍ଦ ବିଭୋର ହୋଇ ସମସ୍ତେ ନାଚଗୀତରେ ମସଗୁଲ ହୋଇଥିଲେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମସ୍ତେ ନିଜ ମନକଥା ଖୋଲାଖୋଲି ଭାବେ କହି ଅପରାହ୍ନ୨ଟା ବେଳେ ସମସ୍ତେ ବଣଭୋଜିରେ ଆପ୍ୟାୟିତ ହୋଇଥିଲେ। ଶେଷରେ ପାର୍ବତୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


ବନ୍ଧୁମିଳନ ଅବସରରେ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠର ୧୯୮୬ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ର।

## କଟକଣା ସତ୍ତ୍ୱେ ସାନଘାଗରାରେ ଅସୁରକ୍ଷିତ ଫଟୋ ଉଠା

କେନ୍ଦୁଝର, ୨।୧ (ସ୍ୱ.ପ୍ର.)


ଜଳପ୍ରପାତ ନିକଟରେ ପାହାଡରେ ଚଢି ଫଟୋ ଉଠାଚାଲିଛି।

ଦୁର୍ଘଟଣା ରୋକିବା ପାଇଁ ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ର ଗୁଡ଼ିକରେ ସେଲଫି ଫଟୋ ଉଠା ଉପରେ କଟକଣା କରାଯାଇଛି। ଏହା ଛଡା ବାରିକେଡ ବ୍ୟବସ୍ଥା କରାଯାଇ ସତର୍କତା ସୂଚନା ଫଳକ ମରାଯାଇଛି । ଏହା ସତ୍ତ୍ୱେ ଉପଯୁକ୍ତ ତଦାରଖ ଅଭାବରୁ ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ରରେ ବିଶେଷ କରି ବିପଦପୂର୍ଣ୍ଣ ଜଳପ୍ରପାତ ଗୁଡ଼ିକରେ ସେଲଫି ଉଠାଉଥିବାରୁ ସବୁବେଳେ ଅଘଟଣ ଆଶଙ୍କା ରହୁଛି। ଏଭଳି ରାଜ୍ୟ ପ୍ରସିଦ୍ଧ କେନ୍ଦୁଝର ଜିଲା ସାନଘାଗରା ଜଳ ପ୍ରପାତରେ ଦେଖିବାକୁ ମିଳିଛି। ନୂଆ ବର୍ଷ ଉପଲକ୍ଷେ ଏହି କେନ୍ଦ୍ରକୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ ହେଉଛି। ପ୍ରାକୃତିକ ଜଙ୍ଗଲ ଓ ପରିବେଶର ମନୋରମ ଦୃଶ୍ୟକୁ ବୁଲିବା ସହ ଜଳପ୍ରପାତ ବୁଲିବାକୁ ରାଜ୍ୟ ଓ ରାଜ୍ୟ ବାହାର ପର୍ଯ୍ୟଟକ ଆସୁଛନ୍ତି । ମନୋରମ ଦୃଶ୍ୟକୁ ଓ ସ୍ମୃତିକୁ ସାଉଁଟି ନେବା ପାଇଁ କ୍ୟାମେରାରେ ଫଟୋ ଉଠାଉଛନ୍ତି ଏବଂ ସେଲଫି ନେଉଛନ୍ତି। ତେବେ ସାନଘାଗରାରେ ଆଗରୁ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଜଳପ୍ରପାତ ପରିସୀମାକୁ ଷ୍ଟିଲ ବାଡ ଦେଇ ଗାଧୋଇବା ପାଇଁ କଟକଣା କରାଯାଇଛି । କିନ୍ତୁ ଏହା ସତ୍ତ୍ୱେ ପାହାଡ ଉପରେ ଯେଉଁ ଭଳି ଭାବରେ ଉଠି ଫଟୋ ନେଉଛନ୍ତି, ସବୁବେଳେ ବିପଦ ଆଶଙ୍କା ରହୁଛି। ଜଗାରଖା କରୁଥିବା ସୁରକ୍ଷା କର୍ମୀ ମାନେ ଏସବୁକୁ ଧ୍ୟାନ ଦେଉନାହାନ୍ତି କିମ୍ବା ତାଗିଦ କରୁ ନାହାନ୍ତି।

# ବ୍ୟାନ୍ ସତ୍ତ୍ୱେ ବଢ଼ିଚାଲିଛି ପଲିଥିନ୍ ବ୍ୟବହାର

ଆନନ୍ଦପୁର,୨।୧(ସ୍ୱ.ପ୍ର.)-

ଆନନ୍ଦପୁର ପୌରପରିଷଦରେ ପଲିଥିନ୍ ବ୍ୟବହାର ଘାତକ ସାଜିବାକୁ ବସିଲାଣି। ୨୦୧୯ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ସରକାରୀ ସ୍ତରରେ ପଲିଥିନ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଏହାର ବ୍ୟବହାର ଦ୍ୱାରା ପରିବେଶ ଉପରେ ମାତ୍ରାଧିକ ପ୍ରଭାବକୁ ପରିଲକ୍ଷିତ କରି ସରକାରୀ ସ୍ତରରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହା ସହିତ ମାତ୍ରାଧିକ ପଲିଥିନ ବ୍ୟବହାର ଦ୍ୱାରା ମୃତ୍ତିକା ପରିବେଶ ପ୍ରଦୂଷିତ ହେବା, ପ୍ରାଣୀ ସମ୍ପଦ ପଲିଥିନ୍‌କୁ ଖାଦ୍ୟ ଭାବେ ବ୍ୟବହାର କରି ଜୀବନହାନିର ଦୃଷ୍ଟାନ୍ତ ମଧ୍ୟ ବୃଦ୍ଧି ପାଇବାକୁ ଲାଗିଥିଲା। ତେଣୁ ପଲିଥିନ ବ୍ୟବହାରକୁ ନିଷିଦ୍ଧ କରିବା ନିମନ୍ତେ ସରକାରୀ ସ୍ତରରେ ବ୍ୟାପକ ପ୍ରଚାର ପ୍ରସାର କରାଯିବା ସହିତ ହାଟ ବଜାର ଛକଗୁଡ଼ିକରେ ବ୍ୟାନର ଲଗାଯାଇ ସ୍ୱଚ୍ଛପରିବେଶ, ସୁସ୍ଥ ପରିବେଶର ବାର୍ତ୍ତା ଦିଆଯାଇଥିଲା। ପ୍ରଶାସନ ତରଫରୁ ଦୋକାନ ବଜାରରେ ଚଢ଼ାଉ କରାଯାଇ ପଲିଥିନ୍ ବ୍ୟବହାର ଉପରେ ରୋକ ଲଗାଯାଇଥିଲା। ଏହା ସହିତ ବ୍ୟାପକ ପଲିଥିନ ଜବତ ମଧ୍ୟ କରାଯାଇଥିଲା। ହେଲେ ପ୍ରଶାସନିକ ସ୍ତରରେ ଏହିସବୁ କାର୍ଯ୍ୟକୁ ନାମକୁ ମାତ୍ର କରାଯାଇଥିବାବେଳେ ପିଲିଥିନ ନିଷେଧ ପାଇଁ ଆବଶ୍ୟକ ପଦକ୍ଷେପ ଅଭାବରୁ ଆନନ୍ଦପୁର ପୌରାଞ୍ଚଳରେ ପଲିଥିନ ଅବ୍ୟାହତ ରହିଛି। ସରକାରୀ କଟକଣାକୁ ନ ମାନି ବିଭିନ୍ନ ଅନୁଷ୍ଠାନ ବ୍ୟବହାର କରୁଥିବା ପଲିଥିନ୍ ଉପରେ ଦୃଷ୍ଟି ଦେବା ସହିତ ପଲିଥିନ୍ ଗଚ୍ଛିତ ଭାବେ ରଖୁଥିବା ଅନୁଷ୍ଠାନ ପରେ ସେଭଳି କିଛି ଦୃଷ୍ଟି ଦିଆଯାଉ ନ ଥିବାରୁ ପଲିଥିନର ବ୍ୟବହାର ପୂର୍ବପରି ବେଧଡ଼କ ବଢ଼ି ଚାଲିଛି। ଯାହା ପରିବେଶକୁ ଆବର୍ଜନାମୟ କରିବା ସହିତ ବିଷାକ୍ତ ପରିବେଶ ସୃଷ୍ଟି କରୁଛି। ବଜାରରେ ଗଚ୍ଛିତ ପଲିଥିନ୍‌କୁ ଜବତ କରିବା ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ପଲିଥିନର ବ୍ୟବହାରଠାରୁ ଜନସାଧାରଣ ଦୂରେଇ ଯାଇପାରନ୍ତେ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।


ରାସ୍ତା କଡରେ କୁଢକୁଢ ପଲିଥିନ ।